ପୃଷ୍ଠା ୮, ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୨୦୨ ● ୨୨ ଅଗଷ୍ଟ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-202 ● 22nd August 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


୬ ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଦ୍ୱିତୀୟ ଥର ସ୍ୱର୍ଣ୍ଣ ପଦକ ଜିତିଲେ କାଜଲ



## ତାଳଚେରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ଗୁରୁଜାଙ୍ଗ ହେବ ଐତିହ୍ୟ ଗ୍ରାମ

**ଭୁବନେଶ୍ୱର, ୨୧।୮**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଭାବେ ଗଢ଼ିତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ। ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେଠାରେ ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ। ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ *(ପୃଷ୍ଠା ୭ରେ)*

## ରାଜ୍ୟ ପୁଲିସର ଉଚ୍ଚସ୍ତରୀୟ ବୈଠକ

# ନାଗରିକଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବାକୁ ନିର୍ଦ୍ଦେଶ

**କଟକ/ଭୁବନେଶ୍ୱର, ୨୧।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି/ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ।




ବୈଠକରେ ରାଜ୍ୟର ବର୍ତ୍ତମାନର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ଏବଂ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଥାନାକୁ ଅଭିଯୋଗ *(ପୃଷ୍ଠା ୭ରେ)*

# ଆରପାରିରେ କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ

**ଭୁବନେଶ୍ୱର, ୨୧।୮**
**ନ୍ୟୁଜ୍ ବ୍ୟୁରୋ**

ଆରପାରିରେ ବର୍ଷୀୟାନ ସଙ୍ଗୀତଜ୍ଞ ତଥା କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ । ୮୮ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଭୁବନେଶ୍ୱର ଲୁଇସ୍ ରୋଡସ୍ଥିତ ବାସଭବନକୁ ଅଣାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁତ୍ର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ କର୍ମଭୂମି କଟକ ସ୍ଥିତ ବାସଭବନକୁ ନିଆଯାଇ ଥିଲା। ଖାନନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପ୍ରସିଦ୍ଧ *(ପୃଷ୍ଠା ୭ରେ)*

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ



## ଆଜିର ମୁଖ୍ୟ ଖବର

- ଭାରତ-ପାକିସ୍ତାନ ସୀମାରେ ଥିବା ଗ୍ରାମରେ ଗ୍ରେନେଡ୍ ଆକ୍ରମଣ, ତିନିଜଣ ଆହତ।
- ସିଲିଗୁଡି କରିଡର ସୁରକ୍ଷା ପାଇଁ ସ୍ୱତନ୍ତ୍ର ତ୍ରିକୋଣୀୟ ସୁରକ୍ଷା ଗ୍ରୀଡ ପ୍ରସ୍ତୁତ: ଅମିତ ଶାହା।
- ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା ଏଚ୍୧ଏନ୍୧ ଇନଫ୍ଲୁଏଞ୍ଜାର କଲେ ସମୀକ୍ଷା ।
- ସୁପ୍ରିମ କୋର୍ଟ ସିଭିଲ ଜଜ୍ ହେବା ପାଇଁ ୩ ବର୍ଷର ପ୍ରାକ୍ଟିସ କମାଇ ଏକ ବର୍ଷ କଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବୈଠକ

# ଯଥାଶୀଘ୍ର ଖାଲି ପଦବୀ ପୂରଣ କରିବା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୨୧।୮**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ ଅଧ୍ୟକ୍ଷମାନଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକୁ ଖୁବଶୀଘ୍ର ପୂରଣ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି।ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟ ଭିତ୍ତିକ ଚୟନ କମିଟି ଗଠନ ଠାରୁ ଆରମ୍ଭ କରି ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୦୪୮ (+୧୨୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୧୦ (+୧୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୦୩୬ (+୯୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୫)

# ୨୮ରେ ମିଳିବ ସୁଭଦ୍ରାର ୫ମ କିସ୍ତି

**ଭୁବନେଶ୍ୱର, ୨୧।୮ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ୫ମ କିସ୍ତିର *(ପୃଷ୍ଠା ୭ରେ)*

# ଆଇପିଏସ୍‌ସ୍ତରରେ ଅଦଳବଦଳ : ହିମାଂଶୁ ଲାଲ ଇଓଡବ୍ଲ୍ୟୁ, ଏସ୍‌ଟିଏଫ୍‌ର ଆଇଜି ନିଯୁକ୍ତ

**ଭୁବନେଶ୍ୱର, ୨୧।୮ : ନ୍ୟୁଜ୍ ବ୍ୟୁରୋ**

ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ବଦଳି ସହ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି ହୋଇଛି।


ବିଜ୍ଞପ୍ତି ଅନୁସାରେ, ହିମାଂଶୁ ଲାଲଙ୍କୁ ଇଓଡବ୍ଲ୍ୟୁ ଏବଂ ଏସ୍‌ଟିଏଫ୍‌ର ଆଇଜି ଭାବେ ନିଯୁକ୍ତି ଦିଆଯାଇଛି।ସେହିପରି ସତ୍ୟବ୍ରତ ଭୋଇଙ୍କୁ ଆଇଜି (ଗୁଇନ୍ଦା) ଦାୟିତ୍ୱ ଦିଆଯାଇଛି। ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ଭାବେ ନିଯୁକ୍ତ କରାଯାଇଥିବା ବେଳେ ନୀତି ଶେଖରଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ପଦରୁ ବଦଳି *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ସ୍ୱର ରାଇଜର ରତ୍ନ ସିଏ
ଜଗତ ହେଉଛି ଝୁରି
ପ୍ରଣବଙ୍କ ଜାଗା ଖାଲି ରହିଗଲା
ଶ୍ରୋତା ଛାତି ହୁଏ କୋରି
ସୁରେ ମନେ ଘର କରି
ନାବ ବୁଡି ଗଲା ଲହରୀ କୋଳରେ
ସ୍ମୃତି ଯିବ ନାହିଁ ମରି।




# ୧୬ କୋଟିରେ ବିକ୍ରି ହେଲା ଗାନ୍ଧିଜୀଙ୍କ ଚିଠି



**ନୂଆଦିଲ୍ଲୀ, ୨୧।୮**


ସାଫ୍ରୋନ୍‌ଆର୍ଟ ନିଲାମୀ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏକ ନିଲାମୀରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ୬୮୮ଟି ଆତ୍ମଚିନ୍ତନ ଓ ବିଚାର ସମ୍ପର୍କିତ ପାଣ୍ଡୁଲିପି ୧୬ କୋଟି ୨୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ନିଲାମୀ ମାଧ୍ୟମରେ ବିକ୍ରି ହୋଇଥିବା ଭାରତୀୟ ଐତିହାସିକ ଦଲିଲ ମଧ୍ୟରୁ ଏହା ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ଦସ୍ତାବିଜର ମାନ୍ୟତା ପାଇଛି। ଏହି ହାତଲେଖାଗୁଡ଼ିକ ଗାନ୍ଧିଜୀଙ୍କ ନିକଟତର ସହଯୋଗୀ ତଥା ସ୍ୱାଧୀନତା ସଂଗ୍ରାମୀ ଆନନ୍ଦ ଟି. ହିଙ୍ଗୋରାଣୀଙ୍କ ପାଇଁ ଲିଖିତ ହୋଇଥିଲା। ହିଙ୍ଗୋରାଣୀଙ୍କ ସ୍ତ୍ରୀ ବିଦ୍ୟାଙ୍କ ବିୟୋଗ ପରେ ୨ ବର୍ଷ ଧରି ଗାନ୍ଧିଜୀ ତାଙ୍କୁ ମାର୍ଗଦର୍ଶନ, ସାନ୍ତ୍ୱନା ଓ ଉତ୍ସାହ ଯୋଗାଇବା ପାଇଁ ପ୍ରତିଦିନ ଏହି ବାର୍ତ୍ତାଗୁଡ଼ିକ ଲେଖୁଥିଲେ। ପରବର୍ତ୍ତୀ ସମୟରେ ଏହାକୁ 'ଏ ଥଟ୍ ଫର୍ ଦି ଡେ' ନାମକ ପୁସ୍ତକରେ ସଂକଳିତ କରାଯାଇଥିଲା।

'ଗାନ୍ଧୀ: ଆନନ୍ଦ ଟି. ହିଙ୍ଗୋରାଣୀଙ୍କ ସଂଗ୍ରହରୁ' ଶୀର୍ଷକ ଏହି ନିଲାମୀରେ ଗାନ୍ଧିଜୀଙ୍କ ସହ ଜଡ଼ିତ ଚିଠି, ପାଣ୍ଡୁଲିପି, ଫଟୋଚିତ୍ର ଏବଂ *(ପୃଷ୍ଠା ୭ରେ)*




# ଚନ୍ଦନ ପ୍ରଧାନ ହତ୍ୟା ମାମଲା:୪ ଜଣଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସହରର ଏକ ଚର୍ଚ୍ଚିତ ହତ୍ୟା ମାମଲାର ଶୁଣାଣି କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-୩ ବିବସ୍ୱତ ଗୌତମ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପୂର୍ବରୁ ଅର୍ଥାତ୍ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅନ୍ତର୍ଗତ ଉତରମୁଖୀ ଠାରେ ଗତ ୨୦୨୧ ମସିହା ଜୁନ୍ ୧୫ ତାରିଖରେ ରାତି ପ୍ରାୟ ସାଢ଼େ ୯ଟା ସମୟରେ ଚନ୍ଦନ ପ୍ରଧାନଙ୍କୁ ଘରୁ ଡାକିନେଇ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଚନ୍ଦନଙ୍କୁ ମୁକୁଳାଇବାକୁ ଯାଇଥିବା ତାଙ୍କର ଦୁଇ ବନ୍ଧୁ ତୁଫାନ୍ ବେହେରା ଓ ମୁନା ମହାନ୍ତିଙ୍କୁ ମଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡ଼ିକାଲ୍‌ରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ଚନ୍ଦନଙ୍କ ଭଉଣୀ ବଡ଼ବଜାର ଥାନାରେ ଲିଖିତ ଏତଲା ଦେଇଥିଲେ । ଯେଉଁଥିରେ ଚନ୍ଦନ ଓ ତାଙ୍କ ବନ୍ଧୁଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣରେ ଲକ୍ଷ୍ମଣ ତରେଇ, ଶଙ୍କର ଗୌଡ଼, କାଶୀନାଥ ମହାଙ୍କୁଡ଼ ଓ ଶିବରାମ ସେଠୀ ସମ୍ପୃକ୍ତ ଥିବା ଦର୍ଶାଇଥିଲେ । ଏତଲାକୁ ଆଧାର କରି ପୋଲିସ ସମସ୍ତ ଉପରୋକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଶିବରାମ ଓରଫ୍ ଟିଣାକୁ ବାଦ ଦେଇ ଅନ୍ୟ ୩ ଜଣ ଅଭିଯୁକ୍ତ ଯଥା ଲକ୍ଷ୍ମଣ ତରେଇ, ଶଙ୍କର ଗୌଡ଼ ଓ କାଶୀନାଥ ମହାଙ୍କୁଡ଼ କୋର୍ଟର ସର୍ତମୂଳକ ଜାମିନ୍‌ରେ ଜେଲ୍‌ରୁ ମୁକୁଳିଥିଲେ । ଦୀର୍ଘ ୫ ବର୍ଷ ଧରି ଚାଲିଥିବା ମାମଲାର ବିଚାରଣା ପରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେବା ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶିବରାମ ସେଠୀ ଓରଫ୍ ଟିଣାକୁ ୭ ବର୍ଷ ଓ ଆର୍ମସ୍ ଆକ୍ଟ ଅନୁସାରେ ଅଧିକ ୩ ବର୍ଷ ଏହିଭଳି ମୋଟ୍ ଅଧିକ ୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ସମସ୍ତ ଅଭିଯୁକ୍ତ ପ୍ରତ୍ୟେକ ୧୦ ହଜାର ଲେଖାଏଁ ଏବଂ ଶିବରାମ ସେଠୀ ଓରଫ୍ ଟିଣା ଅଧିକ ୪ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଅଭିଯୁକ୍ତଙ୍କ ଠାରୁ ଆଦାୟ ଜରିମାନା ଅର୍ଥ ଆହତଙ୍କୁ ପ୍ରଦାନ କରାଯିବାକୁ ଥିବା ବେଳେ ମୃତ ଚନ୍ଦନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୁକ୍ତଙ୍କ ପକ୍ଷରୁ ଆଇନ୍‌ଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଭାତ କୁମାର ଜେନା ଓ ସରକାରୀ ପିପି ପର୍ଶୁରାମ ବେହେରା ମକଦ୍ଦମା ପରିଚାଳନା କରୁଥିଲେ ।

## ଅଗ୍ନିନିରାପତ୍ତା ବଢ଼ାଇବାକୁ ହାଇକୋର୍ଟରେ ନୂଆ ଫାୟାର ୟୁନିଟ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟରେ ଅଗ୍ନି ସୁରକ୍ଷା ଚିନ୍ତା। ୧୧ ନୂଆ ପଦବୀ ପାଇଁ ପ୍ରସ୍ତାବ, ବାର୍ଷିକ ଖର୍ଚ୍ଚ ହେବ ୫୧ ଲକ୍ଷ ଟଙ୍କା। ଓଡ଼ିଶା ହାଇକୋର୍ଟ ପରିସରରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୧ଟି ଅତିରିକ୍ତ ଅଗ୍ନିଶମ ପଦବୀ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଥିଲାଗି ବାର୍ଷିକ ପ୍ରାୟ ୫୧ ଲକ୍ଷ ୧୨ ହଜାର ୨୮୦ ଟଙ୍କାର ଆର୍ଥିକ ବୋଝ ପଡ଼ିବ। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଏନେଇ ପ୍ରସ୍ତାବ ପଠାଯାଇଛି। ହାଇକୋର୍ଟ ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଓ ଅଧିକ ଜନଗହଳିପୂର୍ଣ୍ଣ ପରିସରରେ ୨୪ ଘଣ୍ଟିଆ ଅଗ୍ନିଶମ ପ୍ରସ୍ତୁତି ପାଇଁ ସ୍ଥାୟୀ ଟିମ୍‌ର ଆବଶ୍ୟକତା ଥିବା ଦର୍ଶାଯାଇଛି। ବର୍ତ୍ତମାନ ହାଇକୋର୍ଟ ପରିସରରେ ଏକ ଅସ୍ଥାୟୀ ଫାୟାର ଆଉଟପୋଷ୍ଟ ଚାଲୁଛି। ଏଥିପାଇଁ କଟକ, ବିଡ଼ାନାସୀ, ବାରଙ୍ଗ, ଟାଙ୍ଗୀ-ଚୌଦ୍ୱାର ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର କର୍ମଚାରୀଙ୍କୁ ଡ୍ୟୁଟିରେ ମୁତୟନ କରାଯାଉଛି। ଫଳରେ ଏହି ଅଗ୍ନିଶମ କେନ୍ଦ୍ରଗୁଡ଼ିକର ନିଜସ୍ୱ ମାନବସମ୍ବଳ କମିବା ସହ ଜରୁରୀକାଳୀନ ସେବା ପ୍ରଭାବିତ ହେଉଥିବା ଅଗ୍ନିଶମ ବିଭାଗ ଦର୍ଶାଇଛି। ଫଳରେ ଅସ୍ଥାୟୀ ବ୍ୟବସ୍ଥା ବଦଳରେ ସ୍ଥାୟୀ ଫାୟାର ୟୁନିଟ୍ ଗଠନ ପାଇଁ ସରକାରଙ୍କ ଅନୁମୋଦନ ଲୋଡ଼ାଯାଇଛି।



## ଘରେପଶି ଚୋରି ଅଭିଯୋଗ:୨୩ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଘଟଣାର ୨୩ ବର୍ଷ ପରେ ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ଘରେ ପଶି ଚୋରି କରିବା ଘଟଣାରେ କଟକ ଜେଏମ୍‌ଏଫ୍‌ସି ୨୦୧୩, ଜୁଲାଇ ୩୦ରେ ପ୍ରଦାନ କରିଥିବା ଦଣ୍ଡାଦେଶ ବିରୋଧରେ ଦାୟର ଅପିଲ୍‌କୁ ଆବେଦନକାରୀଙ୍କ ଅନୁପସ୍ଥିତିରେ ଦୌରା ଅଦାଲତ ଖାରଜ କରିବା ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୋଷୀ ବ୍ୟକ୍ତିଙ୍କ ଅପିଲ୍‌କୁ ଆଇନଜୀବୀ ବା ଆବେଦନକାରୀଙ୍କ ଅନୁପସ୍ଥିତି (ନନ୍-ପ୍ରସିକ୍ୟୁସନ)ରେ ଖାରଜ କରିବାକୁ ଆଇନ ଅନୁମତି ଦିଏନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହା ଅପିଲ୍ ପ୍ରକ୍ରିୟାକୁ ପ୍ରହସନରେ ପରିଣତ କରିଥାଏ। ତଥ୍ୟ ପ୍ରମାଣ ଆଧାରରେ ଅପିଲ୍ ଉପରେ ନିଷ୍ପତ୍ତି ନିଆଯିବା ଉଚିତ୍। ନ୍ୟାୟକୁ ଆଇନ କାନୁନ୍‌ର ବୈଷୟିକ ଔପଚାରିକତାରେ ସମାଧି ଦିଆଯାଇପାରିବନାହିଁ। ଯଦି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅପିଲ ଶୁଣାଣି ବେଳେ ଅନୁପସ୍ଥିତ ରୁହନ୍ତି ତେବେ ଅଦାଲତ ଆମିକସ୍‌କ୍ୟୁରିଙ୍କୁ ନିଯୁକ୍ତି ଦେଇ ତଥ୍ୟ ପ୍ରମାଣ ଆଧାରରେ ନିର୍ଣ୍ଣୟ କରିପାରିବେ ବୋଲି କହିବା ସହିତ ଜେଏମ୍‌ଏଫ୍‌ସି ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ପାଲଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଘରେ ପଶି ଚୋରି ଅଭିଯୋଗ ନେଇ ମଙ୍ଗଳାବାଗ ଥାନାରେ ୨୦୦୩, ଅକ୍ଟୋବର ୩୧ରେ ଆବେଦନକାରୀ ଅଭିଯୁକ୍ତ ଥିଲେ। ଜେଏମ୍‌ଏଫ୍‌ସି ଅଦାଲତ ମାମଲାର ୨୦୧୩, ଜୁଲାଇ ୩୦ରେ ଶୁଣାଣି କରି ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲ୍ ଓ ୨ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଆବେଦନକାରୀ ଦାୟର କରିଥିବା ଅପିଲ୍‌କୁ କଟକ ଦୌରା ଅଦାଲତ ୨୦୧୪, ମାର୍ଚ୍ଚ ୧୮ରେ ଖାରଜ କରିଥିଲେ। ଏପରି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## କଟକରେ ୫୦ କ୍ୱିଣ୍ଟାଲ ନକଲି ପନିର ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବଜାରରେ ଅପମିଶ୍ରିତ ପନିର ଯାହାକୁ ଯେତେ। ମଙ୍ଗଳବାର ୬୦ କିଲୋ ପରେ ବୁଧବାର ପୁଣି ୫୦ କ୍ୱିଣ୍ଟାଲ ପନିର ଜବତ କରିଛି ମହାନଗର ନିଗମ ଫୁଡ୍ ସେଫ୍‌ଟି ଟିମ୍ ଅଧିକାରୀ । ଏଥିସହ ତଦନ୍ତକୁ ବ୍ୟାପକ କରିବାକୁ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଛି ଫୁଡ୍ ସେଫ୍‌ଟି ଟିମ୍। କଟକ ବଜାରରେ ଅପମିଶ୍ରିତ ଛେନା ପନିର ହାଉଯାଉ ହେଉଛି। ଏହାର ଚେର ନିଆଳି ଯାଏଁ ଲମ୍ବିଛି। ବୁଧବାର କଟକ ଲିଙ୍କରୋଡରୁ ୫୦ କ୍ୱିଣ୍ଟାଲ ଭେଜାଲ୍ ଛେନା ପନିର ଜବତ ହୋଇଛି। ଏହାକୁ ଖୋଲା ସ୍ଥାନକୁ ନେଇ ନଷ୍ଟ କରାଯାଇଛି। ଏସବୁ କଟକ ନିଆଳିରୁ ଆସିଥିବା ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଆଗକୁ ଏହି ଯାଞ୍ଚ ପ୍ରକ୍ରିୟା ନିଆଳି ଯାଏଁ ବ୍ୟାପକ କରିବାକୁ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ଜଣାଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ। ଦୁଇଦିନରେ ଏତେ ପରିମାଣର ଅପମିଶ୍ରିତ ପନିର ଜବତ ଘଟଣାରେ ଏବେ ମୁହଁ ଖୋଲିଛି ଉତ୍କଳ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ। ଆଗକୁ ରାକ୍ଷୀ ବଜାରରେ ମିଠାର ଚାହିଦାକୁ ଦେଖି କିଛି ଅସାଧୁ ବ୍ୟବସାୟୀ ଏଭଳି କରି ସଂଘକୁ ବଦ୍‌ନାମ୍ କରୁଛନ୍ତି। ଆସାଧୁ ଛେନା ପନିର ବ୍ୟବସାୟୀଙ୍କ ପାଇଁ ସାଧାରଣ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏଭଳି ଅସାଧୁ ବ୍ୟବସାୟୀଙ୍କ ପ୍ରତି କଡ଼ା କାର୍ଯ୍ୟନୁଷ୍ଠାନ ହେଉ ବୋଲି କହିଛନ୍ତି ସଂଘ ସମ୍ପାଦକ। ଦୁଇ ଦିନରେ କଟକ ବଜାରରୁ ଏତେ ପରିମାଣର ଅପମିଶ୍ରିତ ଛେନା ପନିର ଜବତ ହେବା ପରେ ଏବେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହୋଇଥିବା ଚିଠି ପରେ ତଦନ୍ତ କେତେ ବ୍ୟାପକ ହେଉଛି ତାହା ଦେଖିବାକୁ ରହିଲା ।

## ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ୭୫ ତମ ଜନ୍ମଦିବସ ପାଳିତ
# ସମ୍ବାଦପତ୍ର ମାଧ୍ୟମରେ ସାହିତ୍ୟର ବିକାଶ ପାଇଁ ଗୁରୁତ୍ୱାରୋପ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବୁଧବାର ବ୍ୟାସନଗର ବ୍ୟାସଦେବ ଟାଉନ ହଲ୍ ଠାରେ ଯାଜପୁର ରୋଡ ସିଭିଲ୍ ସୋସାଇଟି ପକ୍ଷରୁ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ମହାଆଡମ୍ବରରେ ପାଳିତ ହୋଇଯାଇଛି। ସମ୍ବାଦପତ୍ରରେ ସାହିତ୍ୟର ଭାଗ ରଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ସହ ନୂଆ ପ୍ରତିଭାଙ୍କୁ ସମ୍ମୁଖକୁ ଆଣିଛନ୍ତି। ସେହିପରି ଗଣମାଧ୍ୟମ କେମିତି ନେତା ମନ୍ତ୍ରୀଙ୍କ କଥାରେ ନଚାଲି ସାଧାରଣ ଲୋକଙ୍କ ସ୍ୱର ହେବ ସେ ଦିଗରେ କାର୍ଯ୍ୟ କରିଥିଲେ ବୋଲି ସେ କହିଛନ୍ତି। ଅତ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ସୌମ୍ୟରଞ୍ଜନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଏପରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ସାଧାରଣତଃ କୌଣସି ବ୍ୟକ୍ତିଙ୍କ ଜନ୍ମଦିନ ତାଙ୍କ ପରିବାର ଲୋକେ ପାଳନ କରନ୍ତି କିନ୍ତୁ ସୌମ୍ୟରଞ୍ଜନ ଏମିତି ଜଣେ ବ୍ୟକ୍ତି, ସେ କେବଳ ନିଜ ପରିବାର ମଧ୍ୟରେ ସୀମିତ ନାହାନ୍ତି ବୋଲି ସେ କହିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କୁ ଜଣେ ସମାଜସେବୀ, ଚିନ୍ତାନାୟକ, ଲେଖକ, ରାଜନେତା, ସର୍ବୋପରି ଜଣେ ସଚ୍ଚା ଓଡ଼ିଆ ଓ ସ୍ୱାଭିମାନୀ ମଣିଷ ବୋଲି କହିଥିଲେ। ସେ ରକ୍ତଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ସଭାସମିତିରେ ଅତିଥି ଭାବେ ଆରମ୍ଭ କରି ସମାଜସେବା ଓ ଆନ୍ଦୋଳନ ନେତୃତ୍ୱ ନେବା କ୍ଷେତ୍ରରେ ସେ ସର୍ବଦା ଆଗରେ। ସୌମ୍ୟରଞ୍ଜନ ଜଣେ ବ୍ୟକ୍ତି ନୁହଁନ୍ତି, ଅନୁଷ୍ଠାନରେ ପରିଣତ ହୋଇଛନ୍ତି ବୋଲି ବରିଷ୍ଠ ବିଜେପି ନେତା ଗୌତମ ରାୟ କହିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ସିଭିଲ୍ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୭ଟି ଅନୁଷ୍ଠାନ ପକ୍ଷରୁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ମମତାମୟୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ ଓ ବ୍ୟାସନଗର ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହିଥିଲେ।



# ବିଜେଡ଼ିର ଶିକ୍ଷା ବଞ୍ଚାଅ ଆନ୍ଦୋଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ସୁବର୍ଣ୍ଣପୁର ଠାରେ ଏକ ବିଶାଳ ରାଲି ବାହାରି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଜିଲ୍ଲାର ଯୁବକ ଓ ଅଗଣିତ ଛାତ୍ର ଯୋଗଦେଇ ଶିକ୍ଷା ଆମର ଅଧିକାର, ଶିକ୍ଷାର ସୁରକ୍ଷା ଆମର ଦାବି ଭଳି ବିଭିନ୍ନ ନାରା ଦେଇଥିଲେ। ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିବା ସହ ତୁରନ୍ତ ନୂତନ ଓ ନିର୍ଭୁଲ୍ ବହି ଯୋଗାଣ ତଥା ଅନ୍ୟାନ୍ୟ ଓ ଅବ୍ୟବସ୍ଥାର ବିରୁଦ୍ଧରେ ଏକତାବଦ୍ଧ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ। ଏହି ବିକ୍ଷୋଭ ସମାବେଶରେ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁରର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ଯୁବ ଜନତା ରାଜ୍ୟ ଉପସଭାପତି ଶାଶ୍ୱତ ମିଶ୍ର, ଛାତ୍ର ଜନତା ରାଜ୍ୟ ସଧାରଣ ସମ୍ପାଦକ ଅମୀୟ ରଞ୍ଜନ ଦାଶ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅଭିଷେକ ଶର୍ମା, ବିଜେଡି ଟାଉନ୍ ସଭାପତି ଦେବାଶିଷ ପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ନାରାୟଣ ଲୁହା ତଥା ବିଜେଡ଼ିର ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ। ସ୍ଥାନୀୟ ବ୍ଲକ ଛକରୁ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା ଏହି ରାଲିରେ ହଜାର ହଜାର କର୍ମୀ, ଛାତ୍ରଛାତ୍ରୀ ଓ ସମର୍ଥକ ସ୍ୱତଃ ଯୋଗଦେଇଥିଲେ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଚଳିତ ସରକାର ନେଇଥିବା ପଦକ୍ଷେପ ପ୍ରଶାସନିକ କାରଣରୁ ସଫଳ ରୂପାୟନ ହୋଇପାରୁନଥିବା ବିଜେଡ଼ି ପକ୍ଷରୁ ଅଭିଯୋଗ କରାଯାଇଛି । ସରକାର ଏଥିପ୍ରତି ସଚେତନ ହେବା ସହ ଯୋଜନା ରୂପାୟନରେ ବିଫଳତା ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଜେଡ଼ି ପକ୍ଷରୁ ଦାବି କରାଯାଇଛି ।

## ବନ୍ୟା କ୍ଷତିପୂରଣ ପ୍ରଦାନ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ହାନି ହେବା ସହ ଅନେକ ରାସ୍ତାଘାଟ ଓ ଘର ନଷ୍ଟ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକର ବାରୁଅ ପଞ୍ଚାୟତର ତରାଣ୍ଡୋ, ତ୍ରିଲୋଚନପୁର, ଉସ୍ମରପଡା, ଘିଗିରିଆ, ଇଟିପୁର, ନିଳିକଣା, କଳାମାଟିଆ ଗ୍ରାମର ଶତାଧିକ ଚାଷୀ ସେମାନଙ୍କର ସମ୍ପୂର୍ଣ୍ଣ ଭାବେ ଫସଲ ନଷ୍ଟ ହୋଇଥିବାରୁ ଅନେକ କ୍ଷୟ କ୍ଷତି ହୋଇଛି। ଚାଷଜମି ଓ ତଳି ଦୀର୍ଘଦିନ ଧରି ପାଣିରେ ବୁଡିରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏହାର ଆକଳନ କରି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ହରିଶ୍ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ରାଉତ, କୈଳାସ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଚାଷୀ ଜିଲ୍ଲାପାଳଙ୍କୁ ଭେଟି କ୍ଷତିପୂରଣ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ସର୍କିଟ୍ ହାଉସ୍‌ରୁ ବନ୍ଧୁକ ସହ ୨ ଅପରାଧୀଙ୍କୁ ଗିରଫ ଘଟଣା
# ଅପରାଧୀଙ୍କୁ ପ୍ରଶ୍ରୟ ଦେଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ପାଇଁ ଆପ୍ ର ଦାବି




**ରାଉରକେଲା, ନ୍ୟୁଜ୍**

ରାଉରକେଲା ସର୍କିଟ୍ ହାଉସ୍‌ରୁ ଦୁଇଜଣ ଅପରାଧି ବନ୍ଧୁକ ସହିତ ଧରାପଡିଥିବା ଘଟଣା ବିଷୟରେ ଆମ୍ ଆଦମୀ ପାର୍ଟିର ଏକ ପ୍ରତିନିଧି ଦଳ ରାଉରକେଲା ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଓ ଆରକ୍ଷୀ ଅଧିକ୍ଷକ ନିତେଶ ବାଧୱାନିଙ୍କୁ ଭେଟି କାହା ନାଁରେ ୨୦ରୁ ଅଧିକ ଦିନ ଧରି ସର୍କିଟ୍ ହାଉସ୍ ବୁକ୍ କରାଯାଇଥିଲା ଜାଣିବାକୁ ଚାହିଁଥିଲେ । ପ୍ରକାଶ ଥାଉ ଯେ ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ କେହିବି ସର୍କିଟ୍ ହାଉସ୍ ବୁକ୍ କରିପାରିବେନାହିଁ। ପୋଲିସ ୭ ଜଣ ଅପରାଧିଙ୍କୁ ଧରିବାରେ ସଫଳ ହୋଇଛି କିନ୍ତୁ ତାଙ୍କ ସମ୍ପର୍କରେ ଥିବା ବ୍ୟକ୍ତି ଯିଏ ସେହି ଅପରାଧିଙ୍କୁ ସର୍କିଟ୍ ହାଉସ୍‌ରେ ପ୍ରଶ୍ରୟ ଦେଇଥିଲା ତାକୁ ଗିରଫ କରୁନାହିଁ କିମ୍ବା ସେ ଲୋକର ନାଆଁ ଗଣମାଧ୍ୟମରେ ପରିପ୍ରକାଶ କରୁନାହିଁ । ଆମ୍ ଆଦମୀ ପାର୍ଟି ଦାବି କରୁଛି ଯେ ଉକ୍ତ ଅପରାଧୀମାନଙ୍କ ସମ୍ପର୍କରେ ଥିବା ବ୍ୟକ୍ତି ଜଣଙ୍କୁ ତୁରନ୍ତ ଗିରଫ କରାଯାଉ ଓ ରାଉରକେଲାରେ ଶାନ୍ତି ସ୍ଥାପନ କରାଯାଉ। ଏହି ଅବସରରେ ଆମ୍ ଆଦମୀ ପାର୍ଟିର ଲୋକସଭା ପ୍ରଭାରୀ ବିନୟ ତିୱାରୀ, ରାଉରକେଲା ଜିଲ୍ଲା ଯୁବ ସଭାପତି ନୀତିଶ କୁମାର, ଆଜମେର ଖାନ, ରମେଶ ଶତପଥୀ, ଅମ୍ଳାନ ପାଲ, ସ୍ୱାଧୀନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ବଦଳିବ ଖୁଣ୍ଟପାଲି-ସେମେଲମୁଣ୍ଡା ରାସ୍ତାର ଚିତ୍ର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନ ଧରି ଅବ୍ୟବସ୍ଥିତ ଅବସ୍ଥାରେ ଥିବା ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟପାଲି–ସେମେଲମୁଣ୍ଡା ରାସ୍ତାକୁ ନେଇ ଏବେ ଆଶାର ଆଲୋକ ଦେଖାଦେଇଛି। ରାସ୍ତାର ଦୁରବସ୍ଥା ସମ୍ପର୍କରେ ଏସ୍‌ଡିଓଙ୍କ ଦୃଷ୍ଟି ପଡ଼ିଥିବା ବେଳେ ବିଜେପୁର ବିଧାୟକ ସନତ କୁମାର ଗଡତିଆଙ୍କ ପ୍ରୟାସ କ୍ରମେ ଖୁବ୍‌ଶୀଘ୍ର ଏହାର ଚିତ୍ର ବଦଳିବ ବୋଲି ଏସ୍‌ଡିଓ ପ୍ରକାଶ କରିଛନ୍ତି। ଖୁଣ୍ଟପାଲିରୁ ସେମେଲମୁଣ୍ଡାକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ପ୍ରତିଦିନ ଅନେକ ଲୋକ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକଙ୍କ ପାଇଁ ଏହି ରାସ୍ତା ଏକ ପ୍ରମୁଖ ଯୋଗାଯୋଗ ମାଧ୍ୟମ। ହେଲେ ଦୀର୍ଘ ସମୟ ଧରି ରାସ୍ତାର ଅବସ୍ଥା ଖରାପ ରହିଥିବାରୁ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜୁଥିଲା। ବିଶେଷକରି ବର୍ଷା ଦିନରେ ରାସ୍ତାରେ ଖାଲଖମା ଓ କାଦୁଅ ଯୋଗୁ ଲୋକଙ୍କ ଯାତାୟାତ କଷ୍ଟକର ହୋଇପଡୁଥିବା ଅଭିଯୋଗ ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ରାସ୍ତାର ଉନ୍ନତିକରଣ ପାଇଁ ଦାବି କରିଆସୁଥିଲେ। ଏହି ସମସ୍ୟା ଏବେ ସମ୍ପୃକ୍ତ ଏସ୍‌ଡିଓଙ୍କ ନଜରକୁ ଆସିଥିବାରୁ ରାସ୍ତାର ଶୀଘ୍ର ମରାମତି ଓ ଉନ୍ନତିକରଣ ନେଇ ଆଶା ସୃଷ୍ଟି ହୋଇଛି। ରାସ୍ତାର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏସ୍‌ଡିଓଙ୍କ ହସ୍ତକ୍ଷେପ ପରେ ଖୁଣ୍ଟପାଲି–ସେମେଲମୁଣ୍ଡା ରାସ୍ତାର ଦୁର୍ଦ୍ଦଶା ଦୂର ହୋଇ ଲୋକଙ୍କୁ ଉନ୍ନତ ଯାତାୟାତ ସୁବିଧା ମିଳିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶାବାଦୀ ଅଛନ୍ତି।

## ୮ କେଜି ଗଞ୍ଜେଇ ଜବତ, ଜଣେ କୋର୍ଟ ଚଲାଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**


ତିର୍ତ୍ତୋଲ ଅବକାରୀ ବିଭାଗ ପକ୍ଷରୁ ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା ରୋଡ୍ ଛକ ଠାରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ତେନ୍ତୁଲିପଦା ଗାଁର ବାସିନ୍ଦା ବସନ୍ତ ସୂତାର ବାବିନା ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପାନ ଦୋକାନରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜବତ ହୋଇଥିବା ୮ କେଜି ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ସୂଚନା ଦେଇଥିଲେ । ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍। ବିକ୍ରୟ ଆୟ ୭୨ ହଜାର । ଏହି ଚଢ଼ଉରେ ତିର୍ତ୍ତୋଲ ଅଫିସର ଓ ଆଇସି ରବି ବେହେରା, ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନେଷ୍ଟବଲ ଦୀନବନ୍ଧୁ ସେଠି, କନେଷ୍ଟବଲ ବର୍ଷାରାଣୀ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୮।୨୦୨୬, ଭାଦ୍ରବ ଦ୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୨୯।୪୮ ଚନ୍ଦ୍ରୋଦୟ- ଦିଘ ୨।୦୩।୧୮**

ଦଶମୀ ରାଘ ୨।୦୩ ପର୍ଯ୍ୟନ୍ତ, ଜ୍ୟେଷ୍ଠା ନକ୍ଷତ୍ର ଦିଘ ୨।୫୧ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଦିଘ ୨।୫୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ଦିଘ ୨।୫୧ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ଦିଘ ୨।୫୧ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୨।୦୩ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୭ ଗତେ ଦିଘ ୧।୦୬ ମଧ୍ୟେ ।

**ମେଷ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଶାରୀରିକ କଷ୍ଟ ଦେଖାଦେଇପାରେ। ପାରିବାରିକ ଅସହଯୋଗ ଦେଖାଦେବ। ସାଧନାରେ ସିଦ୍ଧି ଲାଭ କରିବେ ।

**ବୃଷ:** ଆଜି ଆପଣଙ୍କର ଭ୍ରମଣ ଯୋଗ ରହିଛି। ବ୍ୟବସାୟରେ ଲାଭବାନ୍ ହେବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ମିଥୁନ:** ସାଧନାରେ ସିଦ୍ଧି ଲାଭ କରବେ। ପାରିବାରିକ ଜୀବନ ସୁଖମୟ ହେବ। ଆଜି ଆପଣଙ୍କର ଧୈର୍ଯ୍ୟ ହାନୀ ମଧ୍ୟ ଘଟିପାରେ। ବହୁ ସମୟ ଅନ୍ୟମନସ୍କ ରହିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବାର ସୂଚନା ।

**କର୍କଟ:** ଆଲୋଚନା ମାଧ୍ୟମରେ ସବୁ ପ୍ରକାର ସମସ୍ୟାର ସମାଧାନ ଘଟିବ। ଆର୍ଥିକ ସ୍ଥିତି ମାନ୍ଦା ହେବ। ଅଧିକ ପରିଶ୍ରମ କରିବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ ହେବାର ସୂଚନା ।

**ସିଂହ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ। ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ କ୍ଷତି ଘଟିପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**କନ୍ୟା:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସଫଳ ହେବ। ନୂତନ କର୍ମାରମ୍ଭ କରିବେ। ମନ ପ୍ରସନ୍ନ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖ ଓ ସନ୍ତୋଷ ଜନକ ହେବାର ସୂଚନା ।

**ତୁଳା:** ଚାକିରି କ୍ଷେତ୍ରରେ ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ। ରୋଜଗାରର ପରିମାଣ ଭଲ ହେବ ଦେହ ଭଲ ରହିବ।

**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ବନ୍ଧୁଙ୍କ ଆଚରଣରେ ମନରେ ସନ୍ଦେହ ଜାତ କରିବେ। ଶତ୍ରୁ ଅଧିକ ହେବେ। ଧନବାନ ହୋଇପାରନ୍ତି । ଦେହ ଓ ମନ ଭଲ ରହିବ ।

**ଧନୁ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବ। ଶତ୍ରୁ ଅଧିକ ହେବେ। ଧନବାନ ହୋଇପାରନ୍ତି। ଉନ୍ନତି ଦେଖାଦେବାର ସୂଚନା ମଧ୍ୟ ।

**ମକର:** ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିବାରରେ ସମସ୍ୟା ଅକ୍ଳେଶରେ ସମାଧାନ ହୋଇଯିବ। ନୂତନ କର୍ମାରମ୍ଭ ହୋଇପାରେ। ଆୟରେ ଉନ୍ନତି ଦେଖାଦେବାର ସୂଚନା। ଦେହ ଭଲ ରହିବ ।

**କୁମ୍ଭ:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ। ଯଶ ସମ୍ମାନ ବଢ଼ିବ। କର୍ମକ୍ଷେତ୍ରରେ ବିଜୟ ଲାଭ କରିବେ। ଧନ ଲାଭ କରିବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

**ମୀନ:** ଦାନ ଧର୍ମ କରି ପୂଣ୍ୟ ଅର୍ଜନ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ ।



# ଚୋରା ମଦ ଜବତ:୮ ଗିରଫ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରା ମଦ ଜବତ କରି ୮ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲାର ଆଳି, ରାଜକନିକା, ମାର୍ଶାଘାଇ, ଜମ୍ବୁମୋରାଇନ୍, ଡେରାବିଶ, ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ବ୍ୟାପକଚୋରା ମଦ ଜବତ କରି ଦାସଘାଗରିଆ ଗ୍ରାମର ରୁଣ୍ଟୁ ବେହେରା, ତୁଳସୀ ଶାସନର ତ୍ରିଲୋଚନ ଦାସ, ବରୁଣଡିହା ଗ୍ରାମର ଜିତେନ୍ଦ୍ର ସେଠୀ, ପ୍ରଭାକରପୁରର ଗାମୀ ରାଉତ, ସାନଜୋରି ଗ୍ରାମର ଶୁକ ଖିଲାର, ଜମ୍ବୁ ଗ୍ରାମର ଦିଲ୍ଲୀପ ପଲେଇ, ନିଳିକଣା ଗ୍ରାମର ଅଜୟ କୁମାର ସ୍ୱାଇଁ, ବିଶ୍ୱକ ଗ୍ରାମର ପ୍ରଶାନ୍ତ କୁମାର ସାହୁ ପ୍ରଭୃତିଙ୍କ ନିକଟରୁ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢଉ ସମୟରେ ଅବକାରୀ ବିଭାଗର ନିରୀକ୍ଷକ, ଉପନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଲେପ ପରଂବ୍ରହ୍ମ


*ଅନସୂୟା ପଣ୍ଡା*

ଆଦ୍ୟ ଓଁକାରରେ
ଓହ୍ଲେଇ ଆସ ପଦ୍ମପାଦ ଥାପି
ଭାଦ୍ରବର ଅନ୍ଧାରକୁ ଭେଦି
ପ୍ରକାଶରେ ପରିବ୍ୟାପ୍ତ ନିର୍ଲେପ
ପ୍ରାଚୀ ଆକାଶର ଜ୍ୟୋତି।
ପଦ୍ମଲୋଚନରେ ପଢ଼ିପାର
ଜୀବଠୁ ନିର୍ଜୀବର ଗତି
ସୂକ୍ଷ୍ମରୁ ବିଶାଳ ସୃଷ୍ଟିର ସ୍ଥିତି
ଅଘୋଷିତ ଆଶିଷର ଅଞ୍ଜନ
ଝରିଯାଏ ଦେଇ ମୋକ୍ଷ ଆଉ ମୁକ୍ତି।
ବତୁରା ଆବେଗ ଆଚ୍ଛନ୍ନ
ଶ୍ରୀହସ୍ତରୁ ଖସିପଡେ ଆଶିଷର ମଣି
କ୍ଷଣକ୍ଷଣ ଉନ୍ମାଦନା ଶିଥିଳ ପଡିଯାଏ
ଶାନ୍ତିର ପ୍ରେମଗଙ୍ଗା ନିଷ୍ପାୟକ ସାଜି
ଝରିଯାଏ ମଧୁଲଗ୍ନ ହେଇ
କେତେଜନ୍ମ ପାପ ଧୋଇଯାଏ
ତୁମକୁ ଅନାଇ।
ଓଠରେ ଚାପା ହସ ଅଦୃଶ୍ୟରେ
ଆଶ୍ୱାସନା ଆକାଶରୁ ଅନ୍ତରୀକ୍ଷ
ବସୁଧାରୁ ଭୁଲୋକକୁ ବହେ
ନିର୍ମୋହ କାମନା ବିନ୍ଦୁ ବିନ୍ଦୁ
ନୀଳବର୍ଣ୍ଣ ହୁଏ।
ଯମୁନାର ଛାତି ଛୁଇଁ ଯେବେ ତୋ ପୟର
ଉଚ୍ଛୁଳା ଯମୁନା ହୁଏ ଲାଜ ଲାଜ
ଗୋପପୁରେ ଅଧୀର ଖୁସିର ଲହର
ଦିବ୍ୟଭୂମି ଦିବ୍ୟଲୀଳା ଦିବ୍ୟାଶିଷ
ଅଭୟହସ୍ତର ପରଶ ପାଇଁ
ଦେବତା ହୁଅନ୍ତି ନର
ତୁମେ ନିରାକାର ବ୍ରହ୍ମରେ ପରଂବ୍ରହ୍ମ
ତୁମ ପାଦେ କୋଟିଏ ନମନ।

*ଭୁବନେଶ୍ୱର*



## ରାତିର ଛାତିରେ



*ଶରତ ଦାଶ*

ରାତି ଆସେ
ଅନ୍ଧାରର ଚାଦର ବେଢେଇ
ରାତି ଆସେ
କୋଳାହଳ ଯାଏ ଯେବେ ନଇଁ
ରାତି ଆସେ
ଥକିଗଲେ ହାତପାଦ
ସମଗ୍ର ଶରୀର
ରାତି ଆସେ କ୍ଳାନ୍ତ ଆଖି
ହୁଏ ଯେବେ ନିଦ-ଜରଜର ।।
ରାତି ଆସେ
ଅଦୃଶ୍ୟ ଅଚିହ୍ନା ହାତେ
ଧରି କେତେ ଉଭଟ ସପନ
ରାତି ଆସେ
କରି ଆନମନା
ଅବୁଝା ଏ ଅଝଟିଆ ମନ
ରାତି ଆସେ
ଧରି ହାତେ ଆଶାର କଳିକା
ପ୍ରଭାତର ପ୍ରତିଶ୍ରୁତି
ଦୂରକରେ ସକଳ ଆଶଙ୍କା ।।
ରାତି ଆସେ
ସ୍ମୃତି କେତେ ଧରି ଦେହ
ଗଭୀର ଅନ୍ଧାରେ
ଚିକ୍ ମିକ୍ କରେ ଗଲାଦିନ
ସମାଧି ନେଇଛି ଯାହା
କେବେଠାରୁ ବିସ୍ମୃତି-ସାଗରେ ।।
ରାତି ଆସେ
ଆଉ ଏକ ସକାଳର
ଧରି ପ୍ରତିଶ୍ରୁତି
ହୁଏତ ସେ ସକାଳ
କରିବ ସ୍ୱାଗତ ଭଲଦିନ
ଆସିନାହିଁ ଯାହା ତୁମ କତି ।।
ରାତି ଆସୁ ଆସୁଥାଉ
ନହେଉ ଏ କାହା ଶେଷ ରାତି
ଆଶା ବଞ୍ଚିଥାଉ ମନେ
ହୃଦୟରେ ଆନନ୍ଦ-ବିଭୂତି
ରାତିର ଛାତିରେ ଥରେ
ଲେଖିଦେବା ପ୍ରେମପ୍ରୀତି ଗାଥା
ବିମୋହିତ କୃତଜ୍ଞ ହୃଦୟେ
ବିଭୂପଦେ ନତ କରି ମଥା ।।

*ଭୁବନେଶ୍ୱର*

## ବତୀଘରର ସନ୍ଧାନ




*ବିଜୟାଲକ୍ଷ୍ମୀ ନାୟକ*

କୋମଳ ଶରୀର ଭିତରେ ଏକ କୋମଳ ମନ ।
ସେହି ମନ ନିରନ୍ତର ଛଳଛଳ, କଳକଳ ଚିରଚଞ୍ଚଳ ।
ସେହି ଚଞ୍ଚଳ ମନର ଫରୁଆ ଭିତରେ ସାଇତା ସ୍ୱପ୍ନର
ସୁନ୍ଦର ସବୁଜ ପାହାଡ ।
ଅସୁମାରି ଆଶାର ଇନ୍ଦ୍ରଧନୁ ।
ଉଲ୍ଲାସର ଅଗ୍ନିକଣା, ସଂରଚନାର ସମ୍ଭାବନା,
ବିଭୋର କଳ୍ପନା, ଅନନ୍ତ ପ୍ରୟାସ,
ପ୍ରତୀକ୍ଷା ପ୍ରତ୍ୟାଶା ବି ।
ଦିଗନ୍ତ ବିସ୍ତାରି ନୀଳିମାର ଜିଜ୍ଞାସା
ସ୍ନେହ, ପ୍ରେମ, ଭକ୍ତି, ଭଲପାଇବା,
ଦେଶ ପ୍ରେମର ଅଫୁରନ୍ତ ସ୍ଫୁଲିଙ୍ଗ ।
ଶିଖର ଛୁଇଁବାର ଅନତିକ୍ରମ
ଆସ୍ପର୍ଦ୍ଧା ଏକ ସର୍ଣ୍ଣିମ ସକାଳକୁ ଅପେକ୍ଷା ।
ଏ ଅପେକ୍ଷାକୁ କେତେକାଳ ବହଳ
ତମସା ତିମିର ତଳେ ଲୁଚାଇ ରଖିବ
ନିଖୋଜର ଦ୍ୱାହି ଦେଇ ?
ଏକ ଦିଗହରା ପୋତକୁ କେହି ଜଣେ ତ
ବତୀଘରର ସନ୍ଧାନ ଦେବ ?
ଅଭିଧାନର ପୃଷ୍ଠାରେ ଛପା ହୋଇ
ରହିଯାଇଛି ଏହି ସକାଳର ସ୍ଥିତି ଅବସ୍ଥିତି ଅସ୍ମିତା
କାମନା, ବାସନା, କ୍ଷମତା ଲୋଭର ଲେଲିହାନ
ଶିଖାରେ ସବୁ ଜଳିପୋଡ଼ି ପାଉଁଶ ଏଠି, ସେଠି, ସବୁଠି ।
ଏମିତି କପଟ ଛଳନାର ପଶା ପାଲିରେ
ନିର୍ଣ୍ଣୟ ହୁଏ ଯୁଧିଷ୍ଠିର, ଭୀମ, ଅର୍ଜୁନ ଦ୍ରୌପଦୀ
ଇତ୍ୟାଦିଙ୍କର ଭାଗ୍ୟର ଭାଗ୍ୟଫଳ ।
ଭୀଷ୍ମ, ଦ୍ରୋଣ, କର୍ଣ୍ଣମାନେ ଅବୁଝା
ଅହଂକାରକୁ ଜାବୁଡ଼ିଧରି କଣବା ପାଆନ୍ତି ?
ନା ରାଜ୍ୟ, ରାଜସିଂହାସନ ନା ରାଜ ମର୍ଯ୍ୟାଦା ?
କେବଳ ବହିର ପୃଷ୍ଠାରେ ଫଟୋଟିଏ ଛଡା ?
ଏହି ତ ବିଡମ୍ବନା !
ସମୟର ଇସାରାକୁ ଅଣଦେଖା
ନା ସାର୍ଥର ଅଗ୍ନିରେ ସମର୍ପଣ
ଧୃତରାଷ୍ଟ୍ର, ଗାନ୍ଧାରୀ ମାନଙ୍କର !
ବିଚାର କରନ୍ତୁ ବନ୍ଧୁ !

*ସି.ଡି.ଏ, କଟକ*

## ପୁସ୍ତକ ପରିକ୍ରମା






### ଶର୍ବରୀ

ପ୍ରକାଶ ପାଇଛି ସୁଲେଖିକା ବିଜନବାଳା ପାଟଯୋଷୀଙ୍କ ଗଳ୍ପ ସଂକଳନ 'ଶର୍ବରୀ'। ନାରୀ ମନସ୍ତତ୍ତ୍ୱକୁ ନେଇ ଦୀର୍ଘଦିନ ଗଭୀର ଅନୁଶୀଳନ କଲାପରେ ତାଙ୍କ ହାତରୁ ଉତୁରିଛି 'ଶର୍ବରୀ'। ଚାଳିଶଊର୍ଦ୍ଧ୍ୱ ନାରୀମାନଙ୍କ ଶାରୀରିକ ଏବଂ ମାନସିକ ଅବସ୍ଥାର ଏକ ନିରପେକ୍ଷ ଆକଳନ 'ଶର୍ବରୀ'। ସମୁଦାୟ ୨୨ଟି ଗଳ୍ପ ସ୍ଥାନ ପାଇଛି ଏହି ସଂକଳନରେ। ପ୍ରତିଟି ଗଳ୍ପରେ ପାଠକ ଭେଟିବେ ଭିନ୍ନ ଭିନ୍ନ ନାରୀ ଚରିତ୍ରଙ୍କୁ ଯିଏ ନିଜ ଇଲାକାରେ ନିଜକୁ ମହିମା ମଣ୍ଡିତ କରିପାରିଛନ୍ତି। ଡରି ଯାଇନାହାନ୍ତି, ହାରି ଯାଇନାହାନ୍ତି। ପରିସ୍ଥିତିକୁ ମୁକାବିଲା କରିଛନ୍ତି। ନିଜର ଆତ୍ମଶକ୍ତିକୁ ଚିହ୍ନିପାରିଛନ୍ତି ଏବଂ ସମାଜରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିପାରିଛନ୍ତି। ଉପରୁ ଅତ୍ୟନ୍ତ ସାଧାରଣ ଦେଖାଯାଉଥିବା ଏହି ନାରୀ ଚରିତ୍ରମାନେ ସମୟାନୁକ୍ରମେ ଅତ୍ୟଧିକ ସାହସିନୀ ଏବଂ ସ୍ପଷ୍ଟବାଦିନୀ ହୋଇପାରିଛନ୍ତି। ପରିଣୀତା, ତନ୍ୱୀ, ଆଦ୍ୟା କି ଧରିତ୍ରୀ ଯିଏ ବି ହେଉ ବିଜନବାଳା ସେମାନଙ୍କ ଅନ୍ତର୍ମନର ସୂକ୍ଷ୍ମ ତନ୍ତ୍ରୀକୁ ଖୁବ୍ ଧୀରେ ବଜେଇ ଦେଇଛନ୍ତି। ସେମାନେ ଚେଇଁ ଉଠିଛନ୍ତି ଗହନ ନିଦରୁ। ନିଜକୁ ଚିହ୍ନିଛନ୍ତି। ସମାଜରେ ଅବହେଳିତ କି ଅସହାୟ ସେମାନେ ନୁହନ୍ତି ବୋଲି ଜଣାଇ ଦେଇଛନ୍ତି। ବାହାରେ ନାରୀକୁ ଯେତେ ଉଚ୍ଚ ସ୍ଥାନ ଦେଲେ ମଧ୍ୟ ଭିତରେ ସେ ସନ୍ତୁଳି ହୋଇ ଜୀବନ ବଞ୍ଚିଥାଏ । ତାର ଏହି ଅନ୍ତରଙ୍ଗ ନିର୍ଯାତନା ସବୁ ନା ସେ କାହାକୁ କହିପାରେ ନା ସହିପାରେ। ପରିବାର, ସମାଜ, କର୍ମସ୍ଥଳୀ, ସର୍ବସାଧାରଣ ଜାଗା ଏପରିକି ଅତି ନିଜ ଲୋକଠୁ ନାରୀଟିଏ ପ୍ରତି ମୁହୂର୍ତ୍ତରେ ଶାରୀରିକ ଏବଂ ମାନସିକ ଆଘାତ ପାଉଥାଏ । ସେ ଆଖିର ଲୁହ ଆଖିରେ ମିଳେଇ ଦାନ୍ତ ଚିପି ତମାମ ଜୀବନ ବିତାଇଥାଏ। ତେବେ ୪୦ ବର୍ଷ ପାର କରିଗଲେ ନାରୀଟିଏ ନିଜକୁ ସାମାନ୍ୟ ସ୍ୱାଧୀନ ମନେକରେ ଏବଂ ସ୍ୱଇଛାରେ ଜିଇଁବାକୁ ଆରମ୍ଭ କରିଥାଏ। ଏହି ସମୟରେ କୌଣସି ବାଧାବନ୍ଧନ ମାନିବାକୁ ସେ ରାଜି ହୁଏ ନାହିଁ। ଏଥିପାଇଁ ଘରେ ଉଠୁଥିବା ଧୁଆଁକୁ ସେ ଅକ୍ଳେଶରେ ଲିଭାଇଦେବାର କ୍ଷମତା ହାସଲ କରିସାରିଥାଏ।

ଏହିପରି ୨୨ଜଣ ଯଶସ୍ୱୀନିଙ୍କ ଅନ୍ତରାତ୍ମାର କାହାଣୀ ଶୁଣିବାକୁ ପାଇଁ ପଢନ୍ତୁ 'ଶର୍ବରୀ'। ଟାଇମପାସ ଦ୍ୱାରା ପ୍ରକାଶିତ ୧୪୪ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୧୯୫ ଟଙ୍କା।

### କିଛି ପଲକ କିଛି ପୁଲକ





ପ୍ରକାଶ ପାଇଛି କବି ସୁଜିତ ମିଶ୍ରଙ୍କ କବିତା ସଂକଳନ 'କିଛି ପଲକ କିଛି ପୁଲକ'। ଏହା ସୁଜିତଙ୍କର ୪ର୍ଥ କବିତା ସଂକଳନ। ୫୧ଟି କବିତାକୁ ନେଇ ସଂକଳନଟି ବେଶ୍ ସମୃଦ୍ଧ। ବରଂ କୁହାଯାଇପାରେ ୫୧ଟି ସୁନ୍ଦର କବିତାର ସମାହାର 'କିଛି ପଲକ କିଛି ପୁଲକ'। ସୁଜିତ ବର୍ତ୍ତମାନ ସମୟର ଜଣେ ଦକ୍ଷ ଏବଂ ଅଭିଜ୍ଞ କବି ଯିଏ ଶବ୍ଦର ଗାମ୍ଭୀର୍ଯ୍ୟ ବୁଝି ଠିକ ଜାଗାରେ ଶବ୍ଦର ଠିକ ବ୍ୟବହାର କରିପାରନ୍ତି। କବିତାରେ ସେ ଖୋଲି ଦେଇପାରନ୍ତି ଅନେକ କଥା ପୁଣି ଶବ୍ଦର ଜଉମୁଦରେ ବନ୍ଦ କରିଦେଇପାରନ୍ତି ସେହି କଥାସବୁ। କବି ତ ଯାଦୁଗର। ଶବ୍ଦ ସହ ଖେଳିପାରେ ହଜାରେ ପ୍ରକାର ଖେଳ। ସେହି ଖେଳରେ କିମିଆ କରିପାରେ ପାଠକକୁ। ସୁଜିତ ସେମିତି ଖୋଜିବା ଏବଂ ପାଇବାପଣରେ ଅନେକ କିଛି କହିଦେଇଛନ୍ତି ପାଠକଙ୍କୁ ଯାହାକୁ ନେଇ ପାଠକ ଘାରିହେବା ସୁନିଶ୍ଚିତ। ତାଙ୍କ କବିତା ସାମାନ୍ୟ ଦୀର୍ଘ ମାତ୍ର ପ୍ରତିଟି କବିତା ପାଠକଙ୍କ ମନକୁ ଛୁଇଁଥାଏ, ଚହଲେଇ ଦେଇଥାଏ। ସମାଜର ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସକୁ ଶବ୍ଦର କଟାକ୍ଷ ହାଣି ତୀବ୍ର ବିରୋଧ କରିଛନ୍ତି ସୁଜିତ। ଜଣେ ମଣିଷର ମଣିଷପଣିଆ ହିଁ ତାକୁ ସାହିତ୍ୟିକ କରିଥାଏ। ଯିଏ ଅନ୍ୟର ଦୁଃଖ ବୁଝେ, ଅନ୍ୟର ଲୁହ ଦେଖିଲେ ତା ଆଖି ଓଦା ହୋଇଯାଏ ସିଏ ହିଁ ଲେଖିପାରେ ଏଭଳି ମାର୍ମିକ କବିତାସବୁ। ପ୍ରତିଟି କବିତା ପଢିଲେ ସୁଜିତଙ୍କର ସମ୍ବେଦନଶୀଳତା ଜଣା ପଡିଯାଏ ଆପେ ଆପେ। କବିତାଗୁଡିକ ଯେମିତି ଆତ୍ମାକୁ ଛୁଇଁ ଯାଉଛି। କାହିଁକି ବି ନ ଛୁଇଁବ ଏହି ସବୁ କବିତା ଯେ ତାଙ୍କ ଅନ୍ତରର ଗଭୀରତମ ପ୍ରଦେଶରୁ ଉତୁରିଛି। ଜୀବନ ଏକ ଉଡାଣଖୋର ପକ୍ଷୀ ପରି। ସୁଜିତଙ୍କ ଭାଷାରେ-''ଆକାଶରେ ପକ୍ଷୀ ବିହରଣ କରି ପୁଣି ବାହୁଡିବା ପରି ଜୀବନ ବି ଏକ ଉଡାଣଖୋର ପକ୍ଷୀ।''

ବାସ୍ତବରେ ଏହି ସଂକଳନରେ ସ୍ଥାନିତ ହୋଇଥିବା ପ୍ରତିଟି କବିତା ଜଣେ କବିପ୍ରାଣ ପାଠକକୁ ନିଶ୍ଚୟ ବିମୋହିତ କରିବ। ସୁଧୀ ପାଠକଙ୍କ ପାଇଁ ସୁଜିତଙ୍କ ଏହି ସଂକଳନରୁ କିଛି କବିତାଂଶ ଉଦ୍ଧୃତ କରୁଛୁ-କବିତା(ଯୁଦ୍ଧ)-ଏଠି ନିଜ ସହ ନିଜେ କରିବାକୁ ହୁଏ ଯୁଦ୍ଧ/ଯେଉଁଠି ଥାଏ ନା ଗୁଳିଗୋଳା/ ନା ବନ୍ଧୁକ ନା ବାରୁଦ/ଆପଣା ସହ ଯୁଦ୍ଧରତ ମଣିଷ ଅସଲ ବୀର/ ସମଗ୍ର ଜାତିପାଇଁ ତା ତପ/ ପୂର୍ଣ୍ଣିମାର ଜହ୍ନ ପରି ଅବିନାଶୀ ଉପହାର...। ସେହିପରି କବିତା (ଦରଜୀ)-ଦେହର ଦୈର୍ଘ୍ୟ ପ୍ରସ୍ଥ ଓସାରକୁ/ ମାପୁଥିବା ଦରଜୀ/ସ୍ୱୟଂ ପିନ୍ଧିଥାଏ ବିନା ମାପ/ ବିନା ଇସ୍ତ୍ରି ଦିଆ ପୋଷାକ...। ଆଉ ଏକ କବିତା(ପ୍ରେମିକାର ନାଆଁ ଫୁଲ)-ପ୍ରେମିକା ତ ନୁହେଁ କେବଳ/ ଫୁଲର ପ୍ରୀତିରଙ୍ଗର ଫଗୁକାଳ/ମୁଁ ଦେଖେ ଛୁଏଁ/ ଦୀପଟିଏ ଜାଳେ/ସଜାଇ ରଖିଥାଏ ତା' ଆସିବା ବାଟକୁ/ ବିଞ୍ଚି ବିଞ୍ଚି ଛାତି ତଳ ଅଶ୍ରୁ ଜଳ...। ଏହିପରି ପ୍ରତିଟି କବିତା ଅତ୍ୟନ୍ତ ଭାବପୂର୍ଣ୍ଣ ଏବଂ ଅର୍ଥବୋଧକ। ସାଧନା ଛପାଛପି ଦ୍ୱାରା ପ୍ରକାଶିତ ୧୮୦ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୨୫୦ ଟଙ୍କା।

## ବାଟ ବଣା କେଉଁ ବାଟୋଇ ପକ୍ଷୀ ସେ

*ହରିଶ୍ଚନ୍ଦ୍ର ବେହେରା*



ବାଟ ବଣା କେଉଁ ବାଟୋଇ ପକ୍ଷୀ ସେ
ଆସିଲା ଦିନେ ମୋ ପୁରେ
ବେଦନା ଭରା ତା' ଜୀବନ କାହାଣୀ
ଗାଇଲା ଅଶୁଣା ସୁରେ ।।

ବନ ପକ୍ଷୀ ସେତ ବଣରେ ତା' ନୀଡ଼
ସୁଖ ଦୁଃଖର ସଂସାର
ତା' ଶାବକ ଲାଗି ଆଣୁଥିଲା ନିତି
ଥଣ୍ଟରେ ଧରି ଆହାର
ବାଟ ଭୁଲି ଆହା ଉଡ଼ି ସେ ଆସିଛି
ନୀଡ଼ ତା'ର କେତେ ଦୂରେ ।।

କେତେ ବନ ଗିରି ଲଙ୍ଘି ସେ ଆସିଛି
ପାଉନି ଖୋଜି ତା' ନୀଡ଼
ଭାଙ୍ଗି ଦେଇଥିବ ନୀଡ଼କୁ ଅବା ସେ
କେଉଁ ଅଦିନିଆ ଝଡ଼
କାନ୍ଦୁଥିବ ତା'ର ସୋହାଗିନୀ ପତ୍ନୀ
କିଏ ବୁଝେଇବ ତା'ରେ ।।

ଠିକଣା ହଜେଇ ଠିକଣା ଖୋଜୁଛି
ଆହା ସେ ବାଆଁରା ପକ୍ଷୀ
ଆକାଶେ ନୀଳରେ ଗ୍ରହ ଚନ୍ଦ୍ର ତାରା
କିଏ ହେବ ତା'ର ସାକ୍ଷୀ
ଆଖିରେ ଆଖିଏ ଲୁହକୁ ଲୁଚେଇ
ହଜିଲା ଦିନକୁ ଝୁରେ ।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## ଶ୍ରାବଣ ପୁନେଇଁ

*ରାମଚନ୍ଦ୍ର ବେହେରା*

ଧର୍ମ ମାସ ବୋଲି ଶିରାବଣ ଖ୍ୟାତ
ପୂର୍ଣ୍ୟ ତା' ପୁନେଇଁ ତିଥି
ଭଉଣୀ ବାନ୍ଧିବ ଭାଇ ହାତେ ରାକ୍ଷୀ
କରି ବନ୍ଦାପନା ନୀତି।
ଭାଇର ଜୀବନେ ନଆସୁ ବିପତ୍ତି
ଶୁଭ ମନାସିବ ସେହି
ଦୁଃସମୟେ ତା'ର ସାହା ହେବ ବୋଲି
ସରାଗେ କହିବ ଭାଇ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ତା' ରକ୍ଷା କବଚ ସାଜିବ ଜୀବନେ
ପ୍ରତିଶୃତି ଦେବ ଭାଇ।
ସୁଭଦ୍ରା ଭଉଣୀ ବାନ୍ଧିବେ ରାକ୍ଷୀକୁ
କାଳିଆ ବଳିଆ ହାତେ
ଖୁସୀ ହୋଇ ପ୍ରଭୁ ଗେହ୍ଲୀ ଭଉଣୀକୁ
ନେଇଯିବେ ରଥ ଯାତେ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଙ୍କ ହାତେ ପାଞ୍ଚାଳୀ
କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ
ପାଞ୍ଚାଳୀକୁ ଚକ୍ରଧାରୀ।
ପ୍ରଭୁ ବଳିଆଙ୍କ ଜନମ ଦିବସ
ଆସିଥାଏ ଏହି ଦିନେ
ପୁନେଇଁ ସଞ୍ଜରେ ଗୋମାତାଙ୍କ ପୂଜା
କରନ୍ତି ରାଇଜେ ଜନେ।
ଅତ୍ୟନ୍ତ ପବିତ୍ର ଶ୍ରାବଣ ପୁନେଇଁ
ମମତା'ର ମୂକ ସାକ୍ଷୀ
ଭାଇ ଭଉଣୀଙ୍କ ନିବିଡ ସମ୍ପର୍କ
ଯୋଡି ରଖିଥାଏ ରାକ୍ଷୀ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*


## ଦୁର୍ଗ

*ଡ. ଦୀପକ କୁମାର ମିଶ୍ର*

ପ୍ରାଚୀନତାର ଛାତି ଉପରେ
ଛିଡ଼ାହୋଇଥାଏ ଗୋଟେ କଳଙ୍କିଲଗା ସୁନ୍ଦର ଅତୀତ
ଇଞ୍ଚାରି ଆଣିଲେ ରକ୍ତ, ଭଙ୍ଗା କାଚ ଓ ଶିଥିଳ ସିନ୍ଦୁର
ପ୍ରତିଟି ଇଟା ଭିତରେ ଆଜିବି କ୍ରନ୍ଦନରତ
କେତେ ରାଜକନ୍ୟାମାନଙ୍କର
କୁଢ଼ କୁଢ଼ ଅବଳା ନିଶ୍ୱାସ ।

ଏଇଠୁ ଆରମ୍ଭ ହୁଏ ଦୁନ୍ଦୁଭି, ଦୁଃଖ, ଦୁର୍ବିପାକ
ଅଟଳ ଅଭିଯାନରେ ଛାରଖାର ହୁଏ ରାଜ୍ୟ,
ପଟୁଆରରେ ବାହୁଡ଼ିଲାବେଳେ
ଗୃହ ଯୁଦ୍ଧରେ ବନ୍ଦୀହୋଇ
ବଦଳୁଥାଏ ରାଜସିଂହାସନର କଥା କଳେବର।

ଏଠି ଛାଇ ପଡ଼ିଲେ ନବଖଣ୍ଡ
ଅଖଣ୍ଡ ଖଣ୍ଡମଣ୍ଡଳ ଗଡୁଗଡୁ ଶୋଇପଡ଼େ ବୁଢ଼ା ଇତିହାସ
ଛିଣ୍ଡିପଡୁଥିବା ସୁବର୍ଣ୍ଣଯୁଗର ଅତଡ଼ା ଭିତରେ
ଗୁମୁରୁଥାଏ ଗର୍ବ ଓ ଖର୍ବକାୟ ଔଦ୍ଧତ୍ୟର
ପାଣିଚିଆ ପତିତ ଅଧ୍ୟାୟ।



ଶବମାନଙ୍କୁ ଶବ୍ଦକରି
ଜରାଜୀର୍ଣ୍ଣ ଗୌରବ ଲେଖିଲାବେଳକୁ
ସ୍ୱାଭାବିକ ରୂପେ ଥରିଉଠେ
ଇତିହାସକାରମାନଙ୍କର ହତଭାଗ୍ୟ ହାତ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ପୁନଶ୍ଚ ଅଙ୍କୁରୋଦ୍ଗମ

*ବିଜୟଲକ୍ଷ୍ମୀ ପାଣିଗ୍ରାହି*

କ'ଣ ବା ଆଉ ଦେଇଥାନ୍ତ
ତୁମ ଭାଗର ସବୁ ପ୍ରେମ ପାଇ
ଯେଉଁ ବୃକ୍ଷଟି ରୋପିଥିଲି
ସେ ଏବେ ବେଶ୍ କେନେଇସାରିଛି
ତୁମେ ଅଜାଡ଼ି ଦେଉଥିବା
ସବୁ ଆଲୋକର ରାହାପାଇ।
ତୁମେ ଯେଉଁ ଥାକ ଥାକ ଆନନ୍ଦ
ମୋ ପାଇଁ ସାଇତିଥିଲ
ସେ ସବୁ ଏବେ
ପୁଲକର ଫୁଲ ହୋଇ ଫୁଟିଛି।
ତୁମେ ଯେତେ ସ୍ୱର୍ଗୀୟ ଅନୁଭବରେ
ମୋତେ ଭିଜାଇଛ
ଯେତେ ପୁଣ୍ୟର ବେଳାଭୂଇଁରେ ହଜାଇଛ
ସେ ସବୁକୁ ମଞ୍ଜିକରି
ମୁଁ ଖଞ୍ଜିଦେଇଛି ପ୍ରତି ଫଳରେ
ତୁମ ଉପହାର
ତୁମର ସବୁ ସୌଭାଗ୍ୟ
ଦେଖ କେମିତି ପୁନଶ୍ଚ ଅଙ୍କୁରୋଦ୍ଗମ ପାଇଁ
ଆଜିର ମଥାରେ ପାଗ ଭିଡ଼ିଛି।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*



## ପିଲାଦିନ କଥା

*ବିନୟ ମିଶ୍ର*

ଆଖି ଖୋଲି ଆଜି ଦେଖିଲା ବେଳକୁ
ସତୁରି ସରିକି ହୋଇଲାଣି,
ସତ ଯେତେ ଯାହା ଭାବିଥିଲି ମନେ
ମିଛ ମିଛ ମୋତେ ଲାଗିଲାଣି।

ଥର ଥର ହାତ ନନାଙ୍କର ଦେଖି
ଧରୁଥିଲି ହାତ ଚାପି ଦିନେ,
କହୁଥିଲେ ନନା ବଡ଼ ହୋଇଲୁଣି
ଏଇକଥା ରଖିଥିବୁ ମନେ।

ମାଗିଖିଆ ଲାଗିଖିଆ କେବେ ନୁହେଁ
ମନେ ରଖିଥିବୁ ଚିରଦିନ,
ଆହେ ଗୋପୀମାନେ ତୁମ୍ଭ ମଧ୍ୟେ ଆମ୍ଭେ
ସଂସାରେ ବଂଚିବୁ ଯେତେଦିନ।

ଗାଁ ଗାଇଗୋଠ ଆସିବା ବେଳକୁ
ବୁଢ଼ୀ ଗାଈ ଖୋଜା ହେଲା ପରି,
ଖୋଜି ଆଣି ଗୁହାଳରେ ବାନ୍ଧିଦେଲେ
ନନା କହୁଥାନ୍ତି ଥିରି ଥିରି।

ଆଶା କଳ୍ପନା ଖୋଜିବାକୁ ହେବ
ନ ମାନି ସମୟ ଘଣ୍ଟା ଝଣ୍ଟା,
ଓଲେଇ ମନକୁ ବାନ୍ଧିଦେଲେ ସିନା
ହେବ ନାହିଁ ଭାଇ ଭାଗ ବଣ୍ଟା।

ବୋଉ ଲୁଗା କାନି ହାତ ମୁହଁ ପୋଛା
ଝାଳୁଆ ବାସନା ମହ ମହ,
ପାନଖିଆ ଓଠେ ଖିଲି ଖିଲି ହସ
ଜୀବନକୁ କରେ ଗହ ଗହ।

ଦଶ ବର୍ଷ ବଡ଼ ଭାଇନାଙ୍କ ମାଡ଼
ଖାଇ ଯେଉଁଦିନ କାନ୍ଦିଥିଲି,
ଅଭିମାନୀ ବୋଉ ଆଉଁସି ମୋ ଦେହ
କହିଲା ମୁଁ କେତେ ଭାବିଥିଲି।

ବଡ଼ ଭାଇ ତୁ ତୋ ବେକରେ ବନ୍ଧା
କେମିତି ତୋ ହାତ ଗଲା କିରେ ?
ଦରମରା କରି ସାନ ଭାଇଟାକୁ
ମାରିଲୁ କି ଦୋଷ କଲା ଥରେ।

ତୋ ବେକରେ ବନ୍ଧା ସେ ଜୀବନ ସାରା
ଆଉ ତାକୁ କେବେ ମାରିବୁନି,
ଖୋର୍ଦ୍ଧା ଗାମୁଛାକୁ ଭାଇନା ବାନ୍ଧିଲେ
ଦୁହିଁଙ୍କ ବେକରେ ଥିରି କିନି ।

ଗୋଟାଏ ମୁଣ୍ଡରେ ଭାଇନାଙ୍କ ବେକ
ଆର ମୁଣ୍ଡେ ମୋର ବାନ୍ଧି ବେକ,
ଦାଣ୍ଡ ଦୁଆରକୁ ଟେକି ନେଇଗଲେ
ରଖିକି ମୋ ବୋଉ କଥା ଟେକ।

ଯିଏ ପଚାରିଲା କହିଲେ ତାହାଙ୍କୁ
ମୋ ବୋଉ କହିଛି ଆଜି ପରା,
ଏ ମୋ ବେକରେ ବନ୍ଧା ହୋଇଅଛି
ରଖିବି ଯାକୁ ଜୀବନ ସାରା।

ନନା ବୋଉ ଗଲେ ସଂସାର ଛାଡିକି
ଭାଇନା ବେକରେ ବାନ୍ଧିଛନ୍ତି,
ମରିବା ବାଟରେ ବସିଲିଣି ଆସି
ମରିବା ପାଇଁ କି ଛାଡୁଛନ୍ତି ?

*ମଲ୍ଲିପୁର ନିଆଳ, ଖୋର୍ଦ୍ଧା*

## ଏମିତି ଭାଇ ଜଗତେ ନାହିଁ



*ସୁବ୍ରତ କୁମାର ଦାସ*

ବାପାଙ୍କ ଦେହାନ୍ତ ପରେ ସାନ ଭାଇ ଅଜୟ ଘର ଛାଡ଼ି ବିଦେଶ ଚାଲିଗଲା। ବଡ଼ଭାଇ ବିଜୟ ବହୁ କଷ୍ଟରେ ଅଜୟକୁ ମଣିଷ କରିଥିଲା। ଅଜୟ ବି ବଡ଼ ଭାଇର ତ୍ୟାଗକୁ ଭୁଲି ଯାଇନଥିଲା। ସମୟ ଏମିତି ଆସିଲା, ବିଜୟ କାମ କରୁଥିବା କମ୍ପାନୀ ବନ୍ଦ ହୋଇଯିବା ପରେ ଘରେ ବସି ବସି ପରିବାର ଚଳେଇବା କଷ୍ଟ ହୋଇପଡ଼ିଲା। ଏମିତି କି ଶେଷରେ ଘର ବନ୍ଧା ପକେଇ ବ୍ୟାଙ୍କରୁ କରଜ ଆଣିବାକୁ ପଡ଼ିଲା। ମିନତି ଖୁବ୍ ଭାଙ୍ଗି ପଡୁଥିଲେ । ବ୍ୟାଙ୍କରୁ ଫୋନ ଆସିଲା କରଜ ପଇସା ତିନି ମାସ ଧରି ବକେୟା ଅଛି। ଏହି ସମୟରେ ଦୁଆର ମୁହଁରୁ କଲିଂ ବେଲ୍ ବାଜିଲା। ଅଜୟ ଓ ତା ପତ୍ନୀ ଲକ୍ଷ୍ମୀ ଦ୍ୱାର ମୁହଁରେ ଛିଡ଼ା ହୋଇଛନ୍ତି। ଅଜୟ ଖୁସିରେ ମିଠା ପ୍ୟାକେଟ୍‌ଟି ଅନିତାଙ୍କୁ ବଢ଼ାଇଲେ, କହିଲେ ଭାଇ, ମୁଁ ବିଦେଶରେ କିଣିଥିବା ଜାଗା ବିକ୍ରି ହୋଇ ଖୁବ୍ ଲାଭ ହୋଇଛି। ଆଉ ନୂଆ ଘର ଖଣ୍ଡିଏ କିଣିବାକୁ ମନସ୍ଥ କରିଛି। ମିନତି ପ୍ରସ୍ତାବ ଦେଲା ବିଜୟକୁ, ଯଦି ଆମ ଘର ବିକ୍ରି କରି ସେହି ପଇସାରେ ବ୍ୟାଙ୍କ୍‌ର କରଜ ଶୁଝି ଦିଅନ୍ତି, ତେବେ ଲୋକହସାରୁ ମୁକ୍ତି ପାଇଯାନ୍ତେ। ତେଣୁ ଅଜୟକୁ କହିବା ପରେ ସେ ସଂଗେ ସଂଗେ କିଣିବାକୁ ରାଜି ହୋଇଗଲା। ଅଜୟ ଅଗ୍ରୀମ ପଇସା ଚେକ୍‌ରେ ଦେଇଦେଲା। ପରେ ବିଜୟ ବ୍ୟାଙ୍କ୍‌କୁ ଋଣ ବାବଦରେ ଚେକ୍ ପୈଠ କରିବା କ୍ଷଣି ଦେଖେତ, ତିନି ମାସର ବକେୟା ପଇସା ଦିଆସରିଛି। ବିଜୟ ଖୁବ୍ ଆଶ୍ଚର୍ଯ୍ୟ ହେଲା, ଭାବି ଭାବି ପଛକୁ ଚାହିଁ ଦେଖିଲା ଅଜୟ ଛିଡ଼ା ହୋଇଛି।



ବିଜୟ ପଚାରିଲା, ଏଠି କଣ ! ଅଜୟ କହିଲା, କଣ ମୁଁ ଏତିକି ଜାଣି ପାରୁନି..। ଯେଉଁ ଘର ତୁମେ କିଣି ଥିଲ, ତାକୁ ବିକ୍ରି କରି ଦେବ। ବିଜୟ ଆଖିରୁ ଲୁହ ଝରି ପଡ଼ିଲା। ଦୁହେଁ ଦୁହିଁଙ୍କୁ କୁଣ୍ଢେଇ ପକେଇଲେ। ଅଜୟ ଲୋତକ ଭରା କଣ୍ଠରେ କହିଲା, ଯେଉଁ ଭାଇ ନିଜ ରକ୍ତକୁ ପାଣି କରି, ବାପାଙ୍କ ସ୍ଥାନ ନେଇ ବିଦେଶରେ ପାଠ ପଢ଼ାଇ ମୋତେ ମଣିଷ କଲା ଆଜି ସେହି ଭାଇ କରଜ ସୁଝିବାକୁ ଖୋଲା ଆକାଶ ତଳେ ଜୀବନ ବିତାଇବାକୁ ଯାଉଛି, ମୁଁ ଭାଇ ହୋଇ କଣ ଏତକ ଅଟକାଇ ପାରିବିନି। ଏହି ଘର କେବଳ ତୁମର ଭାଇ। ଏଇଠି ବାପାଙ୍କ ସ୍ମୃତି ରହିଛି। ତୁମେ ମୋ ଜୀବନକୁ ସାର୍ଥକ କରିବାକୁ ଯାଇ ନିଜ ଜୀବନକୁ ଜଳାଞ୍ଜଳି ଦେବାକୁ ଚେଷ୍ଟା କରିଛ। ଭାଇ, ତୁମେ ମହାନ। ଏମିତି ଭାଇ କେହି ଦେଖି ନଥିବେ । ଏତକ ବେଳେ ଅନିତା ଓ ଲକ୍ଷ୍ମୀ ଆସି ପହଞ୍ଚିଗଲେ। ସମସ୍ତେ ଉପରକୁ ଅନାଇ ବାପାଙ୍କୁ ସ୍ମରଣ କଲେ।

*ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ*
*ମୋ-୯୪୩୭୭୩୧୯୦୩*

## ମିଛ...

*ମନୋଜ କୁମାର ବେହେରା*

ଯେତେବେଳେ ମନୁଷ୍ୟ ମିଛ କହିଥାଏ
ସର୍ବ ପ୍ରଥମେ ତା'ର ବାଣୀ ନୁହେଁ..
ତାହାର ଅନ୍ତଃକରଣ ବଦଳିବାକୁ ଲାଗିଥାଏ ।
ଧୀରେ-ଧୀରେ ସତ୍ୟ ଆଉ
କଳ୍ପନା ମଧ୍ୟର ରେଖା
ତା'ର ନିଜର ଦୃଷ୍ଟିରେ ଧୂଆଁଳିଆ ପଡିଯାଇଥାଏ ।
ତା'ପରେ ଗୋଟିଏ ଦିନ ସେ ନିଜର ବନେଇଥିବା
ଭ୍ରମର ନିବାସୀ ପାଲଟିଯାଏ,
ସେ ନିଜର ଚାରିପଟେ ମିଛର ଗୋଟିଏ
ଉଚ୍ଚ ପାଚେରୀ ଛିଡା କରିଦେଇଥାଏ
ଆଉ ତାହାରି ଭିତରେ ବନ୍ଦୀ ହୋଇଯାଇଥାଏ ।
ସେହି ଦୁର୍ଗରେ
କାଳ୍ପନିକ ଚେହେରା ରହିଥାଏ,
ଗଢିଥିବା ଘଟଣା ସବୁ ଶ୍ୱାସ ନେଇଥାଏ,
ଆଉ ବନେଇଥିବା କଥା ସବୁ..
ତାହାର ଏକମାତ୍ର ସତ୍ୟ ହୋଇଯାଏ ।
ବାହାର ସଂସାର ଚାଲି ରହିଥାଏ
ଲୋକ ପ୍ରେମ କରିଥାନ୍ତି,
ବିଶ୍ୱାସ କରିଥାନ୍ତି, ଜିତିଥାନ୍ତି,
ଆଉ ସେ..
ନିଜର ବନଇେଥିବା ଅନ୍ଧକାରରେ
ଜୀବନ ଜୀଇଁ ନଥାଏ..
ବାସ୍ ! ଦିନ ଖାଲି ଗଣି ଚାଲିଥାଏ ।
କାହିଁକି ମିଛ କେବେ କାହାକୁ
ମୁକ୍ତ କରେ ନାହିଁ..
ଏହା କେବଳ ଏମିତି କାରାଗାର ବନେଇଥାଏ,
ଯାହାର ଚାବି ମଧ୍ୟ..
ମିଛର ନିଜର ହିଁ ହାତରୁ ହଜି ଯାଇଥାଏ ॥



*ମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

# ୧୦ ବର୍ଷ ପାଇଁ ବ୍ୟାନ୍ ହେଲେ ଭାରତୀୟ ଷ୍ଟାର ଜାଭେଲିନ୍ ଖେଳାଳି

**ନୂଆଦିଲ୍ଲୀ**



ପୂର୍ବତନ ଏସୀୟ ରୌପ୍ୟ ପଦକ ବିଜେତା ତଥା ଓଲିମ୍ପିଆନ୍ ଜାଭେଲିନ୍ ଖେଳାଳି ଶିବପାଲ୍ ସିଂହଙ୍କ ଅସୁବିଧା ବଢ଼ିଯାଇଛି। ଏହି ଆଥଲେଟ୍‌ଙ୍କ ଉପରେ ଦ୍ୱିତୀୟ ଡୋପିଂ ଅପରାଧ ପାଇଁ ଜାତୀୟ ଡୋପିଂ ବିରୋଧୀ ସଂସ୍ଥା (ନାଡା)ର ଶୃଙ୍ଖଳାଗତ ପ୍ୟାନେଲ୍ ୧୦ ବର୍ଷର ପ୍ରତିବନ୍ଧକ ଲଗାଇଛି। ଶିବପାଲ୍ ନିଷିଦ୍ଧ ପଦାର୍ଥ 'ମେଥାଏଣ୍ଡିଏନୋନ୍' ସେବନ କରିଥିବା ଜଣାପଡ଼ିଛି।

୩୧ ବର୍ଷ ବୟସରେ ଏହି ପ୍ରତିବନ୍ଧକ ତାଙ୍କ କ୍ରୀଡ଼ା କ୍ୟାରିୟରର ଅନ୍ତ କରିପାରେ। ଶିବପାଲ୍ ଟୋକିଓ ଓଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ହେଉଛି ୨୦୧୯ ଏସୀୟ ଚାମ୍ପିୟନସିପ୍‌ରେ ରୌପ୍ୟ ପଦକ ଜିତିବା। ଦୋହାଠାରେ ସେ ୮୬.୨୩ ମିଟରର ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଏହି ପଦକ ହାସଲ କରିଥିଲେ। ସାମ୍ପ୍ରତିକ ମାମଲାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ଶିବପାଲ୍ ଏକମାତ୍ର ଭାରତୀୟ ଆଥଲେଟ୍ ନୁହନ୍ତି।

ଧାବିକା ଏମ୍.ଭି. ଜିଲ୍ଲାଙ୍କୁ ମଧ୍ୟ ଦ୍ୱିତୀୟ ଡୋପିଂ ଉଲ୍ଲଂଘନ ପାଇଁ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଛି ଏବଂ ସେ 'ମେଫେଣ୍ଟରମାଇନ୍' ପାଇଁ ପଜିଟିଭ୍ ମିଳିଛନ୍ତି। ଏହାପୂର୍ବରୁ ୨୦୨୧ ମସିହାରେ ପ୍ରତିଯୋଗିତା ବାହାରେ କରାଯାଇଥିବା ଏକ ଯାଞ୍ଚରେ ଶିବପାଲ୍‌ଙ୍କ ଡୋପ୍ ନମୁନା ଏକ ଷ୍ଟେରଏଡ୍ ପାଇଁ ପଜିଟିଭ୍ ଆସିଥିଲା।

ନାଡାର ଡୋପିଂ ବିରୋଧୀ ଶୃଙ୍ଖଳାଗତ ପ୍ୟାନେଲ୍ ଅଗଷ୍ଟ ୨୦୨୨ରେ ତାଙ୍କୁ ଡୋପିଂ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରି ୨୦୨୧ରୁ ଚାରି ବର୍ଷର ପ୍ରତିବନ୍ଧକ ଲଗାଇଥିଲା। ଏହି ପ୍ରତିବନ୍ଧକ ୨୦୨୫ ପର୍ଯ୍ୟନ୍ତ ଚାଲିବାର ଥିଲା, କିନ୍ତୁ ଶିବପାଲ୍ ନାଡାର ଅପିଲ୍ ପ୍ୟାନେଲ୍ ସାମ୍ନାରେ ଯୁକ୍ତି ବାଢ଼ିଥିଲେ ଯେ ତାଙ୍କ ଡୋପ୍ ଯାଞ୍ଚ ପଜିଟିଭ୍ ଆସିବା ପଛରେ 'ଦୂଷିତ ସପ୍ଲିମେଣ୍ଟସ' ଦାୟୀ ଥିଲା।

## ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

# ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଦ୍ୱିତୀୟ ଥର ସ୍ୱର୍ଣ୍ଣ ପଦକ ଜିତିଲେ କାଜଲ

**ନୂଆଦିଲ୍ଲୀ**



ଭାରତୀୟ ମହିଳା କୁସ୍ତିଯୋଦ୍ଧା କାଜଲ ଢୋଚକ ଅଣ୍ଡର-୨୦ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରି ୭୬ କିଲୋଗ୍ରାମ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। କାଜଲ ଫାଇନାଲରେ ଚୀନର ଜିଙ୍ଗରୁ ସନଙ୍କୁ ୭-୦ରେ ହରାଇ ଏହି ବିଶ୍ୱ ଟାଇଟଲ୍ ଜିତିଛନ୍ତି। ଏହା ସହିତ ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଣ୍ଡର-୨୦ ବିଶ୍ୱ ଚାମ୍ପିଅନ ହୋଇଥିବା ଭାରତର କିଛି ମନୋନୀତ ମହିଳା କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ମହିଳା ପ୍ରତିଯୋଗିତାର ଏହି ଚମତ୍କାର ଦିନରେ ଭାରତ ଆଉ ଦୁଇଟି ପଦକ ହାସଲ କରିଛି। ତନୁ ଶର୍ମା ଏବଂ ସବିତା ନିଜ ନିଜ ବର୍ଗରେ ରୌପ୍ୟ ପଦକ ଜିତି ଭାରତୀୟ ପଦକ ସଂଖ୍ୟା ବୃଦ୍ଧି କରିଛନ୍ତି।

କାଜଲଙ୍କ ପାଇଁ ଏହା କ୍ରମାଗତ ଦ୍ୱିତୀୟ ଅଣ୍ଡର-୨୦ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍। ସେ ୨୦୨୫ ମସିହାରେ ୭୨ କିଲୋଗ୍ରାମ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତ ବର୍ଷ ସେ ନିଜର ଓଜନ ବର୍ଗ ବଦଳାଇ ୭୬ କିଲୋଗ୍ରାମରେ ଚ୍ୟାଲେଞ୍ଜ ଉପସ୍ଥାପନ କରିଥିଲେ ଏବଂ ଏଠାରେ ମଧ୍ୟ ଚାମ୍ପିଅନ ହେବାରେ ସଫଳ ହୋଇଛନ୍ତି। କାଜଲଙ୍କ ଚମତ୍କାର ରେକର୍ଡରେ ୨୦୨୪ ଅଣ୍ଡର-୧୭ ୱାର୍ଲ୍ଡ ଚାମ୍ପିଅନସିପର ୬୯ କିଲୋଗ୍ରାମ ବର୍ଗର ଖେତାବ ମଧ୍ୟ ସାମିଲ ଅଛି। ଏହି ବିଜୟ ସହିତ ସେ ଅଣ୍ଡର-୨୦ ସ୍ତରରେ ଦୁଇଥର ବିଶ୍ୱ ଚାମ୍ପିଅନ ହୋଇଥିବା ଭାରତର ଦ୍ୱିତୀୟ ମହିଳା କୁସ୍ତିଯୋଦ୍ଧା ବନିଯାଇଛନ୍ତି।

୨୦୨୬ ମସିହାରେ ମଧ୍ୟ କାଜଲଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଅଣ୍ଡର-୨୦ ୱାର୍ଲ୍ଡ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଜିତିବା ଏହି ବର୍ଷ ତାଙ୍କର କ୍ରମାଗତ ପଞ୍ଚମ ସ୍ୱର୍ଣ୍ଣ ପଦକ ଅଟେ। ଏହା ପୂର୍ବରୁ ସେ ଅଣ୍ଡର-୨୩ ଏସିଆନ ଚାମ୍ପିଅନସିପ, ଉଲାନ୍‌ବାଟାର୍ ର୍ୟାଙ୍କିଂ ସିରିଜ, ଅଣ୍ଡର-୨୦ ଏସିଆନ ଚାମ୍ପିଅନସିପ ଏବଂ ବୁଡାପେଷ୍ଟ ର୍ୟାଙ୍କିଂ ସିରିଜରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ତିରାନା ର୍ୟାଙ୍କିଂ ସିରିଜ ଏବଂ ଏସିଆନ ଚାମ୍ପିଅନସିପରେ ସେ ସପ୍ତମ ସ୍ଥାନରେ ରହିଥିଲେ।

କାଜଲ ଟୁର୍ଣ୍ଣାମେଣ୍ଟର ଆରମ୍ଭ ଜାପାନର ମିୟୁ ତାକାୟାମାଙ୍କ ବିପକ୍ଷରେ କରିଥିଲେ। ସେ ଏହି ମୁକାବିଲାରେ ଚମତ୍କାର ପ୍ରଦର୍ଶନ କରି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚିତ୍ କରିଦେଇଥିଲେ। ଏହା ପରେ କ୍ୱାର୍ଟର ଫାଇନାଲରେ କାଜଲ ତୁର୍କୀର ଏଲମିରା ୟାସିନଙ୍କୁ ୧୪-୦ ରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଥିଲେ। ସେମିଫାଇନାଲରେ ତାଙ୍କର ସାମ୍ନା ଆମେରିକାର ପାଇପର ଫାଉଲରଙ୍କ ସହ ହୋଇଥିଲା। ଯେଉଁଠାରେ ଭାରତୀୟ କୁସ୍ତିଯୋଦ୍ଧା ୬-୦ ର ଚମତ୍କାର ବିଜୟ ହାସଲ କରି ଫାଇନାଲ ଟିକେଟ୍ କାଟିଥିଲେ।

ଫାଇନାଲରେ ମଧ୍ୟ କାଜଲ ନିଜର ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲେ ଏବଂ ଚୀନ୍‌ର ଜିଙ୍ଗରୁ ସନଙ୍କୁ ୭-୦ ରେ ହରାଇ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। କାଜଲଙ୍କ ଏହି ସଫଳତା ଭାରତୀୟ ମହିଳା କୁସ୍ତି ପାଇଁ ମଧ୍ୟ ବହୁତ ବିଶେଷ ଅଟେ। ମାତ୍ର ୧୮ ବର୍ଷ ବୟସରେ ସେ ଭିନ୍ନ ଭିନ୍ନ ବୟସ ବର୍ଗ ଏବଂ ଓଜନ ବର୍ଗରେ କ୍ରମାଗତ ଅନ୍ତର୍ଜାତୀୟ ସଫଳତା ହାସଲ କରି ଦେଶର ଜଣେ ଉଦୀୟମାନ ଷ୍ଟାର୍ କୁସ୍ତିଯୋଦ୍ଧା ଭାବରେ ନିଜର ପରିଚୟକୁ ସୁଦୃଢ଼ କରିଛନ୍ତି।

# ଅକ୍ଟୋବରରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍ : ଭାଗନେବେ ୮ ଦଳ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍ ଆସନ୍ତା ଅକ୍ଟୋବର ମାସ ଦଶହରା ସମୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି। ଏଥିରେ ୮ଟି ଦଳ ଭାଗ ନେବେ। ସେମାନେ ହେଲେ ଏସଜେଆର ୱାରିୟରସ ଗୁରୁଜଙ୍ଗ, ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ, ମିଲନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ, ବିଏସଏ ଭାଲିଆବାଡି, ଯଦୁପୁର ବ୍ଲାଷ୍ଟର୍ସ, ଗୁରୁଜଙ୍ଗ ଡେୟାର ବୁଲ୍ସ, ଇଲେଭେନ ଷ୍ଟାର ଯାଆଁଳା, ବାଲୁଙ୍କେଶ୍ୱର ୱାରୀୟାର୍ସ ଟମାଣ୍ଡୋ। ଖୋର୍ଦ୍ଧା ଓ ୩୫ଟି ଅଞ୍ଚଳରୁ ଖେଳାଳିମାନେ ଏହି ଲିଗ୍‌ରେ ଭାଗ ନେବେ ଯଥା ଯଦୁପୁର, ନପୁଟ, ଟମାଣ୍ଡୋ, ପାତ୍ରପଡ଼ା, ଶୁଆଙ୍ଗ, ବାଙ୍କୁଆଳ, ଯାଆଁଳା, ଗଙ୍ଗପଡ଼ା, ମେଣ୍ଢାଶାଳ, ଅରିସାଲ, ପଳାସପୁର, ମୁକୁନ୍ଦପ୍ରସାଦ, ଭାଲିଆବାଡି, କୋଣାର୍କନାଗାର, ଗୁରୁଜଙ୍ଗ, ଖୋର୍ଦ୍ଧା ମ୍ୟୁନିସିପାଲିଟି, ଆଇ ଆର ବି, କୁମାରବସ୍ତ, ନୂଆ ଗାଁ, ଅରାଙ୍ଗ, ପାଇକ ତିଗିରିଆ, ବିଂକୁଡ଼ିଆ, କେରଙ୍ଗ, ସାରୁଅ, ପଙ୍ଗାରସିଂ, କୁସୁପଲା, ବାଙ୍କୀ, ପାନ ବରଜ, ଜରିପୁଟ, ଗୁଡୁମ, କଲ୍ୟାଣପୁର, ଅଠାରଙ୍ଗ, କାଇପଦର, ଦେଉଳିଟାଙ୍ଗୀ ଓ କୁରାଡମଲର ଆଧାରକାର୍ଡ଼ ଥିବା କର୍କ ବଲ ଖେଳାଳି ଅଗଷ୍ଟ ୨୫ ତାରିଖ ସୁଦ୍ଧା ନିଜର ନାମ ପଞ୍ଜିକରଣ କରିବା ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି। ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଖେଳାଳୀ ନିଲାମ ପ୍ରକ୍ରିୟାରେ ୮ ଟି ଦଳ ନିଜର ଟିମ୍‌ରେ ଖେଳାଳିମାନଙ୍କୁ ରଖିବେ। ଦୁଇଟି ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବ ଓ ଗ୍ରୁପ ପର୍ଯ୍ୟାୟରେ ସମସ୍ତେ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୬୦୦୦୦ ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୪୦୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

# ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ : ପଦକ ପକ୍କା କଲେ ତ୍ରିଶା-ଗାୟତ୍ରୀ

**ନୂଆଦିଲ୍ଲୀ**




ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍ ୨୦୨୬ ରେ ଭାରତର ପ୍ରଥମ ପଦକ ପକ୍କା ହୋଇଯାଇଛି। ଶୁକ୍ରବାର ଦିନ ମହିଳା ଡବଲ୍ସର କ୍ୱାର୍ଟର ଫାଇନାଲରେ ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦ ଚୀନର ଜିଆ ୟିଫାନ୍ ଏବଂ ଝାଙ୍ଗ ଶୁ ଶିଆନଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ବିଜୟ ହାସଲ କରିଛନ୍ତି। ଏହି ଅଣ-ମାନ୍ୟତା ପ୍ରାପ୍ତ ଭାରତୀୟ ଯୋଡ଼ି ୬୯ ମିନିଟ୍ ପର୍ଯ୍ୟନ୍ତ କଡ଼ା ମୁକାବିଲା କରିଥିଲେ ଏବଂ ଚୀନ୍ ଖେଳାଳିଙ୍କୁ ୧୬-୨୧, ୨୧-୧୫, ୨୧-୧୩ ରେ ପରାସ୍ତ କରି ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି।

ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦ ଉଭୟଙ୍କୁ ୨୩ ବର୍ଷ ବୟସ ହୋଇଛି। ଗାୟତ୍ରୀ ହେଉଛନ୍ତି ଦିଗ୍ଗଜ ଖେଳାଳି ପୁଲେଲା ଗୋପୀଚନ୍ଦଙ୍କ ଝିଅ। ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ପ୍ରଥମ ଗେମରେ ହାରିବା ପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରବର୍ତ୍ତୀ ଦୁଇଟି ଯାକ ଗେମ୍ ଜିତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିଅନସିପରେ ସେମିଫାଇନାଲରେ ପହଞ୍ଚିଥିବା ଉଭୟ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥାଏ। ଏଠାରେ ବ୍ରୋଞ୍ଜ ପଦକ ପାଇଁ ପୃଥକ ଭାବେ କୌଣସି ମୁକାବିଲା ହୁଏ ନାହିଁ।

ମହିଳା ଡବଲ୍ସରେ ୧୫ ବର୍ଷ ପରେ ଭାରତ ଖାତାକୁ ବିଶ୍ୱ ଚାମ୍ପିଅନସିପ୍ ପଦକ ଆସିଛି। ଏହାପୂର୍ବରୁ ୨୦୧୧ ମସିହାରେ ଜ୍ୱାଲା ଗୁଟା ଏବଂ ଅଶ୍ୱିନୀ ପୋନପାଙ୍କ ଯୋଡ଼ି ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପରେ ବ୍ରୋଞ୍ଜ ପଦକ ନିଜ ନାମରେ କରିଥିଲେ। ଭାରତୀୟ ଯୋଡ଼ି ଘରୋଇ ଦର୍ଶକଙ୍କ ଅକୁଣ୍ଠ ସମର୍ଥନ ମଧ୍ୟରେ ପ୍ରଥମ ଗେମ୍ ହାରିବା ପରେ ଉତ୍କୃଷ୍ଟ ସ୍ମାଶ୍ ଏବଂ କ୍ଲିନ୍ ନେଟ୍ ପ୍ଲେ ବଳରେ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ।

ଚୀନର ଜିଆ ୟିଫାନ୍ ମହିଳା ଡବଲ୍ସର ଭେଟେରାନ୍ ଖେଳାଳିମାନଙ୍କ ମଧ୍ୟରୁ ଜଣେ। ସେ ୪ଟି ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହାସହିତ ତାଙ୍କ ନାମରେ ଓଲିମ୍ପିକରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ମଧ୍ୟ ରହିଛି। ଅବଶ୍ୟ ସେ ଏହି ସବୁ ପଦକ ଚେନ୍ କିଙ୍ଗଚେନଙ୍କ ସହ ମିଶି ଜିତିଥିଲେ। ଗତ ବର୍ଷ ଶେଷ ଆଡ଼କୁ ଚେନ୍ ସନ୍ନ୍ୟାସ ନେଇଥିଲେ। ସେବେଠାରୁ ଜିଆଙ୍କ ନୂଆ ସାଥୀ ଝାଙ୍ଗ ଶୁ ଶିଆନ୍ ବନିଛନ୍ତି।

ଚଳିତ ବର୍ଷ ଏସିଆ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଏବଂ ଉବର କପ୍ ପାଇଁ ପ୍ରସ୍ତୁତି କରିବା ସମୟରେ ତ୍ରିଶାଙ୍କ ଗୋଡ଼ର ଗଣ୍ଠିରେ ଆଘାତ ଲାଗିଥିଲା। ଅଭ୍ୟାସ କରୁଥିବା ସମୟରେ ସେ ନିଜ ସାଥୀଙ୍କ ଗୋଡ଼ ଉପରେ ଚଢ଼ି ଯାଇଥିଲେ, ଯାହାଫଳରେ ତାଙ୍କ ଗୋଡ଼ର ଗଣ୍ଠି ମୋଡ଼ି ହୋଇଯାଇ ଥିଲା। ଏହାପରେ ତାଙ୍କର ଏମଆରଆଇ କରାଯାଇଥିଲା, ଯେଉଁଥିରୁ ଜଣାପଡ଼ିଥିଲା ଯେ ତାଙ୍କ ଆଘାତ ଗୁରୁତର ଅଟେ। ଉପଚାର ଓ ବିଶ୍ରାମ ପରେ ତ୍ରିସା ଏବଂ ଗାୟତ୍ରୀ ଇଣ୍ଡୋନେସିଆ ଓପନରୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରେ ଫିଲିପାଇନ୍ସ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜରେ ଭାଗ ନେବା ପୂର୍ବରୁ ୟୁଏସ୍ ଓପନରେ ମଧ୍ୟ ସାମିଲ ହୋଇଥିଲେ।

# ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ : ଆଜି ନେଦରଲାଣ୍ଡସ୍‌କୁ ଭେଟିବ ଭାରତ

**ଆମଷ୍ଟେଲଭିନ**

ଭାରତୀୟ ପୁରୁଷ ଦଳ ଚଳିତ ଏଫ୍‌ଆଇଏଚ୍ ହକି ବିଶବକପ୍‌ରେ ନିଜ ନିଜର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ସହଆୟୋଜକ ନେଦରଲାଣ୍ଡ୍ସ ବିପକ୍ଷରୁ ଆରମ୍ଭ କରିବ। ସେମିଫାଇନାଲ୍ ପଥ ପାଇଁ ହେଉଥିବା ଏହି ପର୍ଯ୍ୟୟରେ ଭାରତୀୟ ପୁରୁଷ ଶନିବାର ଖେଳିବାକୁ ଯାଉଥିବା ନିଜର ପ୍ରଥମ ମ୍ୟାଚ୍ ଆହ୍ୱାନ ଭରା ହେବାର ସମ୍ଭାବନା ରହିଛି। ଶନିବାର ରାତି ୭.୩୦ରେ ଆମ୍‌ଷ୍ଟଲଭିନ୍‌ର ୱାଗନର ଷ୍ଟାଡିୟମ୍‌ରେ ପୁଲ୍-ଇ'ର ପ୍ରଥମ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁହାଁମୁହି ହେବେ। ଲଗାତାର ଦୁଇ ଅଲିମ୍ପିକ୍ସରେ କାଂସ୍ୟ ଜିତିଥିବା ଭାରତ ପୁଲ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହି ଦଳ ବିନା ପଏଣ୍ଟ୍‌ରେ ପୁଲ୍-ଇ'ରେ ସ୍ଥାନ ପାଇଛି।

ଅନ୍ୟପକ୍ଷରେ ପ୍ୟାରିସ୍ ଅଲିମ୍ପିକ୍ସ ବିଜେତା ନେଦରଲାଣ୍ଡ୍ସ ପୁଲ୍ ବିଜେତା ସହ ୩ ପଏଣ୍ଟ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛି। ପୁଲ୍-ଡି'ର ଶୀର୍ଷ ଦଳ ଇଂଲଣ୍ଡ ୩ ପଏଣ୍ଟ ସହ ଏବଂ ପୁଲ୍-ଏ'ର ଦ୍ୱିତୀୟ ଦଳ ଆର୍ଜେଣ୍ଟିନା ଶୂନ ପଏଣ୍ଟ ସହ ପୁଲ୍-ଇ'ରେ ପହଞ୍ଚିଛନ୍ତି। ଫଳରେ ନେଦରଲାଣ୍ଡ୍ସ ଓ ଇଂଲଣ୍ଡ ପାଇଁ ସେମିଫାଇନାଲ୍ ପଥ ସହଜ ରହିଛି। ତେଣୁ ଭାରତ ସେମିଫାଇନାଲ୍ ସ୍ଥାନ କରିବାକୁ ହେଲେ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନାକୁ ହରାଇବାକୁ ପଡ଼ିବ। ନିଜର ପ୍ରଥମ ପର୍ଯ୍ୟାୟରେ କେବଳ ଇଂଲଣ୍ଡଠୁ ହାରିଥିବା ଭାରତ ୱେଲ୍ସକୁ ୩-୧ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାକୁ ୫-୩ରେ ହରାଇଥିଲା। ହେଲେ ଦଳକୁ ଏହାଠାରୁ ଭଲ ପ୍ରଦର୍ଶନ କଲେ ନେଦରଲାଣ୍ଡ୍ସକୁ ହରାଇବାକୁ ସକ୍ଷମ ହେବ। ଉଭୟ ଦଳ ଏପର୍ଯ୍ୟନ୍ତ ୧୦୮ ଥର ମୁହାଁମୁହିଁ ହୋଇଥିଲା ବେଳେ ନେଦରଲାଣ୍ଡ୍ସ ୪୮ ଓ ଭାରତ ୩୩ରେ ଜିତିଥିଲା ବେଳେ ଅନ୍ୟଗୁଡ଼ିକ ଅମୀମାଂସିତ ରହିଥିଲା। ଉଭୟ ଦଳ ଶେଷ ଥର ଲାଗି ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୩-୨ ଗୋଲ୍‌ରେ ନେଦରଲାଣ୍ଡ୍ସକୁ ହରାଇଥିଲା।

# ଫୁଲବାଣୀରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ କନ୍ଧମାଳରେ ଆରମ୍ଭ ହୋଇଛି ୮୧ତମ ରାଜ୍ୟ ପୁଲିସ ଫୁଟବଲ୍ ଚାମ୍ପିୟନସିପ୍। କନ୍ଧମାଳ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ସେପ୍ଟେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୨ ଦିନ ଧରି କନ୍ଧମାଳରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ପୋଲିସ୍‌ଆ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଚାମ୍ପିୟନସିପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲା ପୁଲିସ ଓ ସଶସ୍ତ୍ର ପୁଲିସ ବାହିନୀର ମୋଟ ୪୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ଦଳଗୁଡ଼ିକ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକୁ ନେଇ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ।

# ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟ୍ : ଓଡ଼ିଶା ତରଫରୁ ଖେଳିବେ ୬ ଆଥଲେଟ୍

**ଭୁବନେଶ୍ୱର**




ଶନିବାର ଦିନ ଠାରୁ କମ୍ପିବ କଳିଙ୍ଗ ଷ୍ଟାଡିୟମ୍। ବିଶ୍ୱର ପରିଚିତ ଆଥଲେଟ୍‌ମାନଙ୍କ ଗହଣରେ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି 'ଇଣ୍ଡିଆନ୍ ଓପନ୍ ୱାର୍ଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୬'।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ସିଲଭର ଲେଭଲ୍ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଉଭୟ ମହିଳା ଓ ପୁରୁଷ ବର୍ଗର ମୋଟ ୧୮ଟି ବିଭାଗରେ ୨୫ଟି ରାଷ୍ଟ୍ରରୁ ୧୮୭ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିରେ ଭାରତର ୮୮ ଜଣ ପ୍ରତିଯୋଗୀ ସାମିଲ ରହିବେ।

ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଡବଲ୍ ରୌପ୍ୟ ପଦକ ଜିତିଥିବା ତଥା ବିଶ୍ୱ ଆଥଲେଟିକ୍ସ ର୍ୟାଙ୍କିଂର ୧୫ ତମ ସ୍ଥାନରେ ଥିବା ଭାରତୀୟ ପ୍ରତିଯୋଗୀ ଶ୍ରୀଶଙ୍କର, ଏସୀୟ ଶଟ୍‌ପୁଟ୍ ଚାମ୍ପିଅନ୍ ରୋହିତ୍ ଯାଦବ, ଓଡ଼ିଆ ଧାବକ ଅନୀମେଶ କୁଜୁର, କିଶୋର ଜେନା, ବାପି ହାଁସଦା, ସ୍ୱାଧୀନ ମାଝୀ ଏବଂ ମହିଳା ବିଭାଗରେ ଶ୍ରାବଣୀ ନନ୍ଦ ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ଏହି ଚାମ୍ପିଅନସିପ୍‌ରେ ଭାଗ ନେବେ। ବିଶେଷ କରି ଓଡ଼ିଆ ଖେଳାଳିଙ୍କ ଉପରେ ସମସ୍ତଙ୍କର ତୀକ୍ଷ୍ଣ ନଜର ରହିବ। କେବଳ ଏତିକି ନୁହେଁ, ବ୍ରାଜିଲ୍ ଓ ନାଇଜେରିଆ ଭଳି ଦେଶର ପ୍ରତିଷ୍ଠିତ କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ।

ଏହି ପ୍ରତିଯୋଗିତାରେ ୬ ଜଣ ଓଡ଼ିଶା ତରଫରୁ ଖେଳୁଥିବାର ନଜର ଆସିବେ। ଅଂଶଗ୍ରହଣ କରୁଥିବା ଓଡ଼ିଶାର ଖେଳାଳିମାନେ ହେଲେ ଅନୀମେଶ କୁଜୁର (୧୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇ ଜମ୍ପ), କିଶୋର ଜେନା (ଜାଭେଲିନ୍), ବାପି ହାଁସଦା (୪୦୦ ମିଟର), ଶ୍ରାବଣୀ ନନ୍ଦ (୧୦୦ ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ ମିଟର)।

କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପୁରସ୍କାର ରାଶି ବାବଦରେ ମଧ୍ୟ ସୂଚନା ଦିଆଯାଇଛି। ପ୍ରଥମ ସ୍ଥାନ ହାସଲ କରୁଥିବା ଆଥଲେଟ୍‌ଙ୍କୁ ୧୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଡଲାର ଏବଂ ତୃତୀୟ ସ୍ଥାନରେ ରହୁଥିବା ଆଥଲେଟ୍‌ଙ୍କୁ ୯୦୦ ଡଲାର ମିଳିବ। ସେହିପରି ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୬୦୦, ୪୦୦ ଓ ୨୦୦ ଡଲାରର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

ଏହି ଇଭେଣ୍ଟରେ ୪୦୦ ମିଟର ଦୌଡ଼, ଶଟ୍‌ପୁଟ୍, ଡିସ୍କସ, ଜାଭେଲିନ୍ ଥ୍ରୋ, ହର୍ଡଲସ୍ ଭଳି ପ୍ରତିଯୋଗିତା ମଧ୍ୟ ଦେଖିବାକୁ ମିଳିବ। ଗତବର୍ଷ ବ୍ରୋଞ୍ଜ (କାଂସ୍ୟ) ଲେଭଲରେ ଏହା ଖେଳା ଯାଇଥିବା ବେଳେ, ଚଳିତ ବର୍ଷ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହା ସିଲଭର (ରୌପ୍ୟ) ଲେଭଲରେ ଆୟୋଜନ କରାଯାଉଛି।

ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, 'ଓଡ଼ିଶାର ଖେଳାଳିମାନେ ପୂର୍ବରୁ ଗୌରବ ଆଣିଥିଲେ ଏବଂ ବିଶ୍ୱ ଆଥଲେଟିକ୍ସ ନିୟମ ଅନୁଯାୟୀ ଆମେ ଆମର ଖେଳାଳିମାନଙ୍କୁ ୬-୮ ବିଶ୍ୱ ମାନ୍ୟତା ମଧ୍ୟରେ ରଖିବାକୁ ସୁଯୋଗ ଦେଉଛୁ, ଯାହାଫଳରେ ଅଧିକରୁ ଅଧିକ ଭାରତୀୟ ଏବଂ ଓଡ଼ିଶାର ପିଲାମାନେ ଅଂଶଗ୍ରହଣ କରିପାରିବେ।'

# ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଶ୍ରୀଲଙ୍କା ଦଳ ଘୋଷଣା : ସାମିଲ ହେଲେ ୨ ନୂଆ ଖେଳାଳି

**ନୂଆଦିଲ୍ଲୀ**



ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ଅଗଷ୍ଟ ୨୩ରୁ କଲୋମ୍ବୋରେ ଖେଳାଯିବ। ଗାଲେ ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୧୬୫ ରନ୍‌ରେ ହାରିବା ପରେ ଘରୋଇ ଶ୍ରୀଲଙ୍କା ଶେଷ ମ୍ୟାଚ୍ ପାଇଁ ନିଜ ଦଳରେ ୨ଟି ବଡ଼ ପରିବର୍ତ୍ତନ କରି ଦୁଇଜଣ ଅନକ୍ୟାପ୍ଡ ଖେଳାଳିଙ୍କୁ ସାମିଲ କରିଛି। ଖେଳାଳିମାନଙ୍କ ଆଘାତ ଜନିତ ସମସ୍ୟା କାରଣରୁ ଏହି ପରିବର୍ତ୍ତନ କରାଯାଇଛି।

ଶ୍ରୀଲଙ୍କା ଦଳରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ କାମିଲ ମିଶାରା ଏବଂ ଅଲରାଉଣ୍ଡର ସହାନ ଆରାଚିଗେଙ୍କୁ ସାମିଲ କରିଛି। ଟେଷ୍ଟ କ୍ରିକେଟରେ ଏହି ଦୁଇଜଣ ଶ୍ରୀଲଙ୍କା ପାଇଁ ଅନକ୍ୟାପ୍ଡ ଖେଳାଳି ଅଟନ୍ତି। ତେବେ ଉଭୟ ଶ୍ରୀଲଙ୍କା ପାଇଁ ହ୍ୱାଇଟ୍ ବଲ୍ ଅର୍ଥାତ ଦିନିକିଆ ଏବଂ ଟି-୨୦ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଦେଶ ପାଇଁ ଖେଳି ସାରିଛନ୍ତି।

ଗାଲେ ଟେଷ୍ଟ ପରେ ଶ୍ରୀଲଙ୍କାର ମୁଖ୍ୟ ପ୍ରଶିକ୍ଷକ ଗ୍ୟାରୀ କର୍ଷ୍ଟେନ୍ ଖେଳାଳିମାନଙ୍କ ଆଘାତ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ ମେଣ୍ଡିସଙ୍କର ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଯେଉଁଥିପାଇଁ ସେ କିଛି ସମୟ ପାଇଁ ଉପଲବ୍ଧ ହେବେ ନାହିଁ। ଦିନେଶ ଚାନ୍ଦିମଲ୍ ମଧ୍ୟ ଆଗାମୀ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ ନାହିଁ। ଏହା ବ୍ୟତୀତ ପଥୁମ ନିସାଙ୍କା ଖେଳିବାର ଆଶା ମଧ୍ୟ ଖୁବ୍ କମ୍ ରହିଛି।

ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ଫିଲ୍ଡିଂ କରିବା ସମୟରେ ଚାନ୍ଦିମଲ୍‌ଙ୍କ ମୁଣ୍ଡ ଏବଂ ବେକରେ ଆଘାତ ଲାଗିଥିଲା। ତାଙ୍କ ସ୍ଥାନରେ ପସିନ୍ଦୁ ସୁରିୟାବନ୍ଦାରାଙ୍କୁ କନକସନ୍ ସବ୍ ଭାବରେ ଦଳରେ ସାମିଲ କରାଯାଇ ଥିଲା। ଆରାଚିଗେ ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିଥିଲେ, ଯେଉଁଥିପାଇଁ ତାଙ୍କୁ ଦଳରେ ସୁଯୋଗ ମିଳିଛି। ସେ ଦ୍ୱିତୀୟ ମ୍ୟାଚରେ ୧୨୭ ରନ୍ ସଂଗ୍ରହ କରିଥିଲେ। ବର୍ତ୍ତମାନ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ଲେଇଂ-୧୧ ରେ ତାଙ୍କୁ ସୁଯୋଗ ମିଳୁଛି କି ନାହିଁ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ। ଯଦି ସେ ପ୍ଲେଇଂ-୧୧ ର ଅଂଶ ହୁଅନ୍ତି, ତେବେ ଏହା ତାଙ୍କର ଟେଷ୍ଟ ଡେବ୍ୟୁ ମଧ୍ୟ ହେବ।

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଶ୍ରୀଲଙ୍କା ଦଳ : ଧନଞ୍ଜୟ ଡି ସିଲଭା (ଅଧିନାୟକ), ଲାହିରୁ ଉଦାରା, କାମିଲ ମିଶାରା, ପସିନ୍ଦୁ ସୋରିୟାବନ୍ଦାରା, କାମିନ୍ଦୁ ମେଣ୍ଡିସ, ସହାନ ଆରାଚିଗେ, ସୋନାଲ ଦିନୁଶା, ନିରୋଶନ ଡିକୱେଲା, କେଶରା ନୁଭନ୍ତା, ପ୍ରଭାତ ଜୟସୁରିୟା, ମିଲନ୍ ରତ୍ନାୟକେ, ଲାହିରୁ କୁମାରା, ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ।

# ଏଥର ୟୁଏସ୍ ଓପନ୍‌ରେ ମିଳିବ ୧୦୮ ମିଲିଅନ୍ ଡଲାର ପୁରସ୍କାର ରାଶି

**ନ୍ୟୁୟର୍କ**

ଚଳିତ ବର୍ଷର ଶେଷ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତା ୟୁଏସ୍ ଓପନ୍‌ରେ ୧୦୮ ମିଲିୟନ୍ ଡଲାର (ପ୍ରାୟ ୧୦୩୪ କୋଟି ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହା ଟେନିସ୍ ଇତିହାସରେ ସବୁଠାରୁ ବଡ଼ ପୁରସ୍କାର ରାଶି।

ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ନ୍ୟୁୟର୍କରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ଏକକ ବିଜେତାଙ୍କୁ ୫.୫ ମିଲିୟନ୍ ଡଲାର (ପ୍ରାୟ ୧୪.୩୪ କୋଟି ଟଙ୍କା) ଲେଖାଏଁ ପୁରସ୍କାର ମିଳିବ। ଯାହା ଗତ ବର୍ଷଠୁ ୧୦ ପ୍ରତିଶତ ଅଧିକ। ପ୍ରଥମ ରାଉଣ୍ଡରେ ପହଞ୍ଚିଥିବା ଖେଳାଳି ୧୪୦,୦୦୦ ଡଲାର (ପ୍ରାୟ ୧.୩୫ କୋଟି ଟଙ୍କା) ପୁରସ୍କାର ରାଶି ପାଇବେ। ଏହା ମଧ୍ୟ ଗ୍ରାଣ୍ଡ ସ୍ଲାମ୍ ରେକର୍ଡ ପୁରସ୍କାର ରାଶି। ଗତ ବର୍ଷଠୁ ଏଥର ୨୭ ପ୍ରତିଶତ ବଢ଼ିଛି।

# ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ପ୍ଲେଇଂ-୧୧ ଘୋଷଣା କଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ**



ବାଂଲାଦେଶ ବିପକ୍ଷରେ ଅଗଷ୍ଟ ୨୨ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ନିଜର ପ୍ଲେଇଙ୍ଗ-୧୧ ଘୋଷଣା କରିଛି। ମ୍ୟାକେର ଗ୍ରେଟ୍ ବ୍ୟାରିୟର ରୀଫ୍ ଆରିନାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍‌ରେ ଟ୍ରେଭିସ୍ ହେଡ୍‌ଙ୍କ ସହ ମ୍ୟାଟ୍ ରେନଶ' ଓପନିଂ କରିବେ। ଓପନର ରେନଶ' ପ୍ଲେଇଙ୍ଗ-୧୧ ରେ ପୂର୍ବ ମ୍ୟାଚ୍‌ରେ ଖେଳିଥିବା ଜେକ୍ ୱେଦରାଲ୍ଡଙ୍କ ସ୍ଥାନ ପାଇଛନ୍ତି। ଜେକ୍ ପ୍ରଥମ ଟେଷ୍ଟର ଦୁଇଟି ଇନିଂସରେ ୨୩ ଏବଂ ୦ ରନ୍ କରିବା ପରେ ଦଳରୁ ବାଦ୍ ଦିଆଯାଇଛି।

ଅଷ୍ଟ୍ରେଲିଆ ନିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତିନିଜଣ ଦ୍ରୁତ ବୋଲରଙ୍କ ସହ ମଇଦାନକୁ ଓହ୍ଲାଇବ। ନାଥନ ଲିୟନଙ୍କୁ ମଧ୍ୟ ଏହି ମ୍ୟାଚ୍ ପାଇଁ ଦଳରେ ସ୍ଥାନ ମିଳିଛି। ଏହାପୂର୍ବରୁ କଙ୍ଗାରୁ ଦଳ ଏହି ମ୍ୟାଚରେ ଲିୟନଙ୍କୁ ବାଦ୍ ଦେଇ ଚାରିଜଣ ଦ୍ରୁତ ବୋଲରଙ୍କ ସହ ଓହ୍ଲାଇପାରେ ବୋଲି ଖବର ଆସୁଥିଲା, କିନ୍ତୁ ଶେଷରେ ଏପରି କିଛି ହୋଇନାହିଁ। ସ୍କଟ୍ ବୋଲାଣ୍ଡଙ୍କୁ ଏହି ମ୍ୟାଚ୍‌ର ପ୍ଲେଇଙ୍ଗ-୧୧ରୁ ମଧ୍ୟ ବାହାରେ ରଖାଯାଇଛି। କହି ରଖୁଛୁ ଯେ ପ୍ରଥମ ଟେଷ୍ଟ ମ୍ୟାଚରେ ନାଥନ ଲିୟନଙ୍କ ପ୍ରଦର୍ଶନ ସେତେଟା ଭଲ ରହି ନଥିଲା।

ମ୍ୟାଟ୍ ରେନଶ'ଙ୍କ କଥା କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ନିଜ ଟେଷ୍ଟ କ୍ୟାରିୟରରେ ମୋଟ ୧୪ଟି ମ୍ୟାଚ୍ ଖେଳିଛନ୍ତି ଏବଂ ଏହି ମ୍ୟାଚ୍‌ରେ ସେ ୨୪ଟି ଇନିଂସରେ ୨୯.୩୧ ରନ୍ ହାରରେ ୬୪୫ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୩ଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି ଓ ତାଙ୍କର ସର୍ବାଧିକ ସ୍କୋର ୧୮୪ ରନ୍ ରହିଛି। ଏହାପୂର୍ବରୁ ସେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ୨୦୨୩ ମସିହାରେ ଦିଲ୍ଲୀରେ ଭାରତ ବିପକ୍ଷରେ ଖେଳିଥିଲେ। ରେନଶ' ଶେଫିଲ୍ଡ ଶିଲ୍ଡର ଗତ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ନିକଟ ଅତୀତରେ ହ୍ୱାଇଟ୍ ବଲ୍ କ୍ରିକେଟରେ ମଧ୍ୟ ତାଙ୍କର ପ୍ରଦର୍ଶନ ବେଶ୍ ଉତ୍କୃଷ୍ଟ ରହିଛି। ତାଙ୍କର ସାମ୍ପ୍ରତିକ ପ୍ରଦର୍ଶନକୁ ଦେଖି ତାଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିଛି।

ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ବ୍ୟାଟିଂ ସମ୍ପୂର୍ଣ୍ଣ ଭାବେ ଲୟରେ ଥିବା ପରି ମନେ ହେଉ ନଥିଲା। ଉଭୟ ଇନିଂସକୁ ମିଶାଇ ଦଳ ପକ୍ଷରୁ ମାତ୍ର ଗୋଟିଏ ଶତକ ଆସିଥିଲା, ଯାହାକୁ କ୍ୟାମେରନ୍ ଗ୍ରୀନ୍ ଲଗାଇଥିଲେ। ଷ୍ଟିଭ୍ ସ୍ମିଥ୍ ପ୍ରଥମ ଇନିଂସରେ ଏକ ଅର୍ଦ୍ଧଶତକ ନିଶ୍ଚିତ ଭାବେ ହାସଲ କରିଥିଲେ, କିନ୍ତୁ ବାକି ବ୍ୟାଟ୍ସମ୍ୟାନମାନେ ବାଂଲାଦେଶର ବୋଲରଙ୍କ ସାମ୍ନାରେ ତିଷ୍ଟି ପାରି ନଥିଲେ। ଅନ୍ୟପଟେ ପ୍ରଥମ ଟେଷ୍ଟରେ ବାଂଲାଦେଶ ନିଜ ପ୍ରଥମ ଇନିଂସରେ ୪୨୬ ରନର ଏକ ବଡ଼ ସ୍କୋର ଛିଡ଼ା କରିଦେଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ନିଜର ୯ ଜଣ ବୋଲରଙ୍କୁ ବ୍ୟବହାର କରିଥିଲା, କିନ୍ତୁ ବାଂଲାଦେଶର ବ୍ୟାଟ୍ସମ୍ୟାନମାନଙ୍କ ଉପରେ ଏହାର କୌଣସି ବିଶେଷ ପ୍ରଭାବ ପଡ଼ି ନଥିଲା। ଏହି ମ୍ୟାଚ୍ ବାଂଲାଦେଶ ୯ ୱିକେଟରେ ଜିତି ନେଇଥିଲା।

ଦ୍ୱିତୀୟ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆର ପ୍ଲେଇଙ୍ଗ-୧୧ : ମ୍ୟାଟ୍ ରେନଶ', ଟ୍ରେଭିସ୍ ହେଡ୍, ମାର୍ନସ ଲାବୁସେନ୍, ଷ୍ଟିଭ୍ ସ୍ମିଥ୍, କାମେରନ୍ ଗ୍ରୀନ୍, ଆଲେକ୍ସ କେରୀ (ୱିକେଟ୍ କିପର), ବ୍ୟୁ ୱେବଷ୍ଟର, ପ୍ୟାଟ୍ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ, ଜୋଶ୍ ହେଜଲଉଡ୍।

